୦୫ ଜୁଲାଇ ୨୦୨୬ ରବିବାର





**ଥଣ୍ଡା ଦେଶରେ ଗରମ, ଏହି ଖବରଟି ବର୍ତ୍ତମାନ ସବୁଆଡେ ଚର୍ଚ୍ଚାର ବିଷୟ ପାଲଟିଛି । ୟୁରୋପରେ ଚଳିତ ବର୍ଷ ଦେଖିବାକୁ ମିଳୁଛି ଅସହ୍ୟ ତାତି ଓ ରେକର୍ଡ ଭିତ୍ତିକ ତାପମାତ୍ରା । ଯାହାର ପ୍ରଭାବରେ ବିଭିନ୍ନ ୟୁରୋପୀୟ ଦେଶରେ ଜୀବନ ହାନି ସହିତ ଅନେକ କ୍ଷୟକ୍ଷତି ଦେଖିବାକୁ ମିଳୁଛି । ଏହା ବିଶ୍ୱ ପାଣିପାଗ ପରିବର୍ତ୍ତନର ଏକ ଗମ୍ଭୀର ପ୍ରଭାବ ବୋଲି ଆଲୋଚନା ହେଉଛି ।**

ୟୁରୋପରେ ଚଳିତ ବର୍ଷ ଏକ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳୁଛି, ଯାହା ସବୁ ପୁରୁଣା ତାପମାତ୍ରା ରେକର୍ଡକୁ ଭାଙ୍ଗିଛି । ଏହାର ପ୍ରଭାବ ମାନବ ସ୍ୱାସ୍ଥ୍ୟ, ପ୍ରାକୃତିକ ପରିବେଶ, କୃଷି, ଭିତ୍ତିଭୂମି ଓ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପଡିଛି । ବିଶ୍ୱ ପାଣିପାଗ ସଂଗଠନ ଏବଂ ଏହାର ସହଯୋଗୀମାନେ ଜୀବନ ରକ୍ଷା ଓ ଆର୍ଥିକ କ୍ଷତି ହ୍ରାସ କରିବା ପାଇଁ ଆଗୁଆ ସତର୍କ ସୂଚନା ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରୁଥିବା ଜଣା ପଡିଛି । ସେହିଭଳି ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପାନେଲ ଅନ୍ କ୍ଲାଇମେଟ ଚେଞ୍ଜ ଅନୁଯାୟୀ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଗରମ ହେଉଥିବା ଏହି ମହାଦେଶରେ ଆଗକୁ ଗ୍ରୀଷ୍ମ ପ୍ରବାହର ତୀବ୍ରତା ଓ ଅବଧି ଆହୁରି ବଢ଼ିବାର ଆଶଙ୍କା ରହିଛି । ଡବ୍ଲୁଏମଓର ଜଳବାୟୁ ସୂଚନା ମୁଖ୍ୟ ଜନ୍ କେନେଡିଙ୍କ ଅନୁସାରେ ୧୯୭୬ ର ଐତିହାସିକ ଗ୍ରୀଷ୍ମ ପ୍ରବାହ ପରଠାରୁ ବିଗତ ୫୦ ବର୍ଷ ମଧ୍ୟରେ ସମଗ୍ର ୟୁରୋପ ପ୍ରାୟ ୨ ଡିଗ୍ରୀ ସେଲସିୟସ ଅଧିକ ଗରମ ହୋଇସାରିଛି । ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନୋମ ଗେବ୍ରେସିୟସ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରକାଶ କରିଛନ୍ତି ଯେ, ଜୁନ୍ ୨୧ ପରଠାରୁ ଏହି ପ୍ରଚଣ୍ଡ ଉତ୍ତାପ ଯୋଗୁଁ ୧୩୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି । ଏହାସହ ପ୍ରାୟ ୧୫ କୋଟିରୁ ଅଧିକ ଜନଜୀବନ ପ୍ରଭାବିତ ହୋଇଛି । ଜର୍ମାନ ପାଣିପାଗ ସେବା ଦ୍ୱାରା ପରିଚାଳିତ ଡବ୍ଲୁଏମଓର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଜାରି 'କ୍ୟାଟ୍ ଚ୍ ଗାଇଡାନ୍ସ' ଅନୁଯାୟୀ, ଆଇବେରିଆନ୍ ଉପଦ୍ୱୀପରୁ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମ ପ୍ରବାହ ଆଗକୁ ପଶ୍ଚିମ, ମଧ୍ୟ ଓ ଦକ୍ଷିଣ ୟୁରୋପ ସମେତ ବାଲକାନ୍ ଅଞ୍ଚଳକୁ ବ୍ୟାପିବାର ସମ୍ଭାବନା ରହିଛି । ଯାହା ବିଭିନ୍ନ ଦେଶର ଜାତୀୟ ପାଣିପାଗ ସଂସ୍ଥାଗୁଡ଼ିକୁ ଆଗୁଆ ସତର୍କ ସୂଚନା ଜାରି କରିବାରେ ମାର୍ଗଦର୍ଶନ ପ୍ରଦାନ କରୁଛି ।







# ବଢୁଛି ପାରଦ

ୟୁରୋପରେ ଜାରି ରହିଥିବା ପ୍ରଳୟଙ୍କରୀ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବିଶ୍ୱ ପାଣିପାଗ ସଂଗଠନ ଡବ୍ଲୁଏମଓ ପକ୍ଷରୁ ଜାରି ସଦ୍ୟତମ ରିପୋର୍ଟ ଅନୁଯାୟୀ ବିଭିନ୍ନ ଦେଶର ତାପମାତ୍ରା ସବୁ ପୁରୁଣା ରେକର୍ଡକୁ ଭାଙ୍ଗିଛି । ଜର୍ମାନୀରେ କ୍ରମାଗତ ତିନି ଦିନ ଧରି ନୂଆ ତାପମାତ୍ରା ରେକର୍ଡ ସୃଷ୍ଟି ହୋଇଥିବା ବେଳେ ଜୁନ୍ ୨୮ ରେ ପୋଲାଣ୍ଡ ସୀମାନ୍ତବର୍ତ୍ତୀ କୋସଚେନ୍ ସହରରେ ସର୍ବାଧିକ ୪୧.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଦେଶର ୨୫୨ଟି ପାଣିପାଗ କେନ୍ଦ୍ରରେ ସର୍ବକାଳୀନ ସର୍ବୋଚ୍ଚ ତାପମାତ୍ରା ଚିହ୍ନଟ ହେବା ସହ ପୂର୍ବ ସାକ୍ସୋନିରେ ରାତିର ସର୍ବନିମ୍ନ ତାପମାତ୍ରା ମଧ୍ୟ ୨୯.୪ ଡିଗ୍ରୀରେ ପହଞ୍ଚି ଏକ ନୂଆ ରେକର୍ଡ ସ୍ତରକୁ ଛୁଇଁଛି । ସେହିପରି ହଙ୍ଗେରୀର ବୁଦାପେଷ୍ଟ ନିକଟରେ ଜୁନ୍ ୨୮ ରେ ଜୁନ୍ ମାସର ସର୍ବୋଚ୍ଚ ୪୦.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ପୋଲାଣ୍ଡରେ ୪୦.୫ଡିଗ୍ରୀ ଏବଂ ଚେକ୍ ଗଣରାଜ୍ୟରେ ମଧ୍ୟ ନୂଆ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି ।

ଅଷ୍ଟ୍ରିଆର ଭିଏନା ସହରରେ ଜୁନ୍ ମାସର ସର୍ବୋଚ୍ଚ ୪୦.୦ଡିଗ୍ରୀ ତାପମାତ୍ରା ରେକର୍ଡ ହେବା ସହ ସେଠାରେ 'ରେଡ୍ ଆଲର୍ଟ' ଜାରି ରହିଛି । ଅପରପକ୍ଷରେ, ୟୁନାଇଟେଡ୍ କିଙ୍ଗଡମ୍ ମଧ୍ୟ କ୍ରମାଗତ ତିନି ଦିନ ଧରି ଜୁନ୍ ମାସର ତାପମାତ୍ରା ରେକର୍ଡ ଭାଙ୍ଗିଛି, ଯେଉଁଠାରେ ଜୁନ୍ ୨୫ ରେ ଦକ୍ଷିଣ ଇଂଲଣ୍ଡରେ ୩୭.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ଏବଂ ପାଣିପାଗ ଚେତାବନୀ ଇତିହାସରେ ପ୍ରଥମ ଥର ପାଇଁ କ୍ରମାଗତ ତିନି ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର 'ରେଡ୍ ୱାର୍ଣ୍ଣିଂ' ଜାରି ହୋଇଛି । ନେଦରଲ୍ୟାଣ୍ଡରେ ମଧ୍ୟ ପାଣିପାଗ ସେବା ପକ୍ଷରୁ ଆଠଟି ପ୍ରଦେଶ ପାଇଁ ଅଭୂତପୂର୍ବ 'ରେଡ୍ ଆଲର୍ଟ' ଜାରି କରାଯିବା ସହ ଜୁନ୍ ମାସର ନୂଆ ଜାତୀୟ ରେକର୍ଡ ୩୯.୪ ଡିଗ୍ରୀ ତାପମାତ୍ରା ପଞ୍ଜିକୃତ ହୋଇଛି । ଏହା ବ୍ୟତୀତ, ଡେନମାର୍କରେ ୧୯୭୫ ର ରେକର୍ଡ ଭାଙ୍ଗି ଦୁଇଟି ସ୍ଥାନରେ ସର୍ବକାଳୀନ ସର୍ବୋଚ୍ଚ ୩୭.୦ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସୁଇଜରଲ୍ୟାଣ୍ଡର ଉତ୍ତର ସହର ବାସେଲ୍‌ରେ ମଧ୍ୟ ଜୁନ୍ ମାସର ଏକ ନୂଆ ରେକର୍ଡ ଭାବେ ୩୯ ଡିଗ୍ରୀ ତାପମାତ୍ରା ଚିହ୍ନଟ କରାଯାଇଛି । ୟୁରୋପରେ ଜାରି ରହିଥିବା ପ୍ରଳୟଙ୍କରୀ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଫ୍ରାନ୍ସ ଓ ସ୍ପେନରେ ପାଣିପାଗର ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଥିବା ସୂଚନା ରହିଛି । ମେଟିଓ-ଫ୍ରାନ୍ସ ଅନୁଯାୟୀ, ଜୁନ୍ ୨୪ ତାରିଖ ଦିନ ୩୦.୦ ଡିଗ୍ରୀ ସେଲସିୟସର ଜାତୀୟ ହାରାହାରି ତାପମାତ୍ରା ସହ ଫ୍ରାନ୍ସ ଇତିହାସର ସବୁଠାରୁ ଗରମ ଦିନ ରେକର୍ଡ କରାଯାଇଛି । ଯାହା ପୂର୍ବଦିନର ରେକର୍ଡ ସମେତ ଜୁଲାଇ ୨୦୧୯ ଏବଂ ଅଗଷ୍ଟ ୨୦୦୩ ର ସମସ୍ତ ସ୍ତରକୁ ଟପିଯାଇଛି । ଏପରିକି ପଶ୍ଚିମ ଫ୍ରାନ୍ସର ପୁଲୁଆ ସହରରେ ପାରଦ ୪୩.୮ ଡିଗ୍ରୀକୁ ଛୁଇଁଥିବା ବେଳେ ରାତିର ହାରାହାରି ସର୍ବନିମ୍ନ ତାପମାତ୍ରା ମଧ୍ୟ ୨୨ଡିଗ୍ରୀ ର ଏକ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛି ।

ଏହି ପ୍ରଚଣ୍ଡ ଉତ୍ତାପ ଯୋଗୁଁ ଦେଶର ପ୍ରାୟ ଅଧିକାଂଶ





ଭାଗ ଅର୍ଥାତ୍ ରେକର୍ଡ ସଂଖ୍ୟକ ୫୮ଟି ବିଭାଗ (ଡିପାର୍ଟମେଣ୍ଟ) ପାଇଁ ସର୍ବୋଚ୍ଚ ସ୍ତରର 'ରେଡ୍ ଆଲର୍ଟ' ଜାରି କରାଯାଇଛି ଏବଂ ବଢୁଥିବା ମରୁଡ଼ି ମଧ୍ୟରେ ଜଙ୍ଗଲ ନିଆଁର ଭୟାବହ ଆଶଙ୍କା ନେଇ ପ୍ରଶାସନ ସତର୍କ ସୂଚନା ଦେଇଛି । ଏଥିସହିତ ଏହି ଜୀବନନାଶକ ଗରମ ସହ ଜଡ଼ିତ ବିପଦ କାରଣରୁ ଫ୍ରାନ୍ସରେ ପ୍ରାୟ ୪୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଅପରପକ୍ଷରେ, ସ୍ପେନର ପାଣିପାଗ ସଂସ୍ଥାର ସୂଚନା ଅନୁସାରେ, ସେଠାରେ ମଧ୍ୟ ଜୁନ୍ ୨୩ ଏବଂ ୨୪ ତାରିଖ ଇତିହାସର ସବୁଠାରୁ ଗରମ ଜୁନ୍ ଦିନ ଭାବେ ପଞ୍ଜୀକୃତ ହୋଇଛି । ଯେଉଁଠାରେ ଅନେକ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀରୁ ବହୁ ଉପରକୁ ଚାଲିଯାଇଛି ଏବଂ ବିଲବାଓ ସହରରେ ସର୍ବାଧିକ ୪୨.୭ଡିଗ୍ରୀ ତାପମାତ୍ରା ସହ ଜୁନ୍ ମାସର ସର୍ବକାଳୀନ ସର୍ବୋଚ୍ଚ ରେକର୍ଡ ସୃଷ୍ଟି ହୋଇଛି ।

## ସ୍ୱାସ୍ଥ୍ୟଗତ ପ୍ରଭାବ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ପ୍ରାୟତଃ ଏକ "ସାଇଲେଣ୍ଟ କିଲର" ବା ନୀରବ ହନ୍ତା ବୋଲି କୁହାଯାଏ । ଅନେକ ଦେଶରେ ଏହାର ଭୟାବହତାର ରିପୋର୍ଟ ସଠିକ୍ ଭାବେ ସାମ୍ନାକୁ ଆସିପାରେ ନାହିଁ । ଏକ ଗାଣିତିକ ମଡେଲ ଆକଳନ ଅନୁଯାୟୀ, ୨୦୦୦ ରୁ ୨୦୧୯ ମଧ୍ୟରେ ପ୍ରତିବର୍ଷ ବିଶ୍ୱରେ ହାରାହାରି ପ୍ରାୟ ୪,୮୯,୦୦୦



ଲୋକଙ୍କର ମୃତ୍ୟୁ କେବଳ ଏହି ଗ୍ରୀଷ୍ମ ପ୍ରବାହ ଜନିତ କାରଣରୁ ହୋଇଛି । ଶରୀର ଯେତିକି ପରିମାଣର ଉତ୍ତାପ ବାହାରକୁ ଛାଡ଼ିବା କଥା, ତା'ଠାରୁ ଅଧିକ ଗରମ ଗ୍ରହଣ କଲେ 'ହିଟ୍ ଷ୍ଟ୍ରେସ୍' ବା ତାପଜ ଚାପ ସୃଷ୍ଟି ହୋଇଥାଏ । ସାଧାରଣ ପରିସ୍ଥିତିରେ, ଶରୀର ଝାଳ ବୋହିବା ଏବଂ ଚର୍ମକୁ ରକ୍ତ ସଞ୍ଚାଳନ ବୃଦ୍ଧି କରି ନିଜର ତାପମାତ୍ରା ନିୟନ୍ତ୍ରଣ କରିଥାଏ । ମାତ୍ର ଯେତେବେଳେ ପାରିପାର୍ଶ୍ୱିକ ବାୟୁ ଅଧିକ ଗରମ ଓ ବିଶେଷ କରି ଆଦ୍ର (ହ୍ୟୁମିଡ୍) ହୋଇଯାଏ, ସେତେବେଳେ ଶରୀରର ଏହି ପ୍ରାକୃତିକ ଥଣ୍ଡା କରିବା ପ୍ରକ୍ରିୟା ସଂଘର୍ଷ କରେ । ଏହାସହ ଶରୀରର ଭିତର ତାପମାତ୍ରା ବଢ଼ିବାକୁ ଲାଗେ । ଡବ୍ଲୁ ଏଚଓ _ ଡବ୍ଲୁଏମଓ ଜଳବାୟୁ ଏବଂ ସ୍ୱାସ୍ଥ୍ୟ ମିଳିତ କାର୍ଯ୍ୟାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ଅନୁଯାୟୀ, କ୍ରମାଗତ କିଛି ଦିନ ଧରି ଏବଂ ବିଶେଷ କରି ରାତିରେ ଅଧିକ ତାପମାତ୍ରା ରହିବା ଦ୍ୱାରା ଶରୀର ପ୍ରତିଦିନ ପୂର୍ବରୁ ହିଁ ଚାପଗ୍ରସ୍ତ ରହିଥାଏ । ବୟସ୍କ ବ୍ୟକ୍ତି, ଛୋଟ ପିଲା, ଗର୍ଭବତୀ ମହିଳା, ବାହାରେ କାମ କରୁଥିବା ଶ୍ରମିକ, ଗୃହହୀନ ଏବଂ ଦୀର୍ଘଦିନର ରୋଗରେ ପୀଡ଼ିତ ଲୋକମାନେ ଏହା ଦ୍ୱାରା ସବୁଠାରୁ ଅଧିକ ବିପଦରେ ପଡ଼ନ୍ତି । ମାତ୍ର ଯଦି ତାପମାତ୍ରା ଦୀର୍ଘ ସମୟ ଧରି ପ୍ରଚଣ୍ଡ ରହେ ତେବେ ଏହି ହିଟ୍ ଷ୍ଟ୍ରେସ୍ ଯେକୌଣସି ବ୍ୟକ୍ତିଙ୍କୁ ପ୍ରଭାବିତ କରିପାରେ । ଏହି କ୍ଷେତ୍ରରେ କେବଳ ଦିନର ତାପମାତ୍ରା ନୁହେଁ, ବରଂ ରାତିର











ସର୍ବନିମ୍ନ ତାପମାତ୍ରା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୟୁରୋପ ଓ ଏସିଆର କିଛି ଭାଗରେ ରାତିର ତାପମାତ୍ରା ୨୦ଡିଗ୍ରୀ ସେଲସିଅସରୁ କମ୍ ନହେବା ସ୍ଥିତିକୁ ବହୁଳ ଭାବେ "ଟ୍ରପିକାଲ ନାଇଟ୍" କୁହାଯାଏ । ଯାହା ଗ୍ରୀଷ୍ମ ପ୍ରବାହ ସମୟରେ ବିଶେଷ କରି ସହରଗୁଡ଼ିକରେ ବେଶ୍ ସାଧାରଣ ହୋଇଯାଏ । ରାତି ସମୟରେ ହିଁ ମାନବ ଶରୀରର ସୁଧାର ହେବା କଥା । ଆମେ ଶୋଇବା ସମୟରେ ଆମ ଶରୀରର ଭିତର ତାପମାତ୍ରା ହ୍ରାସ ପାଏ, ହୃଦ୍‌ରୋଗ ପ୍ରଣାଳୀ ବିଶ୍ରାମ ନିଏ ଏବଂ ଦିନସାରାର ଗରମ ଜନିତ ଚାପ କମିବାକୁ ଲାଗେ । ମାତ୍ର ଯେତେବେଳେ ରାତି ଗରମ ରହେ, ସେତେବେଳେ ସେହି ସୁଧାର ପ୍ରକ୍ରିୟା ହୋଇପାରେ ନାହିଁ । ଏଭଳି ସ୍ଥିତିରେ ଶରୀର ୨୪ ଘଣ୍ଟା ଚାପରେ ରହିଥାଏ। ସେଥିପାଇଁ ଗ୍ରୀଷ୍ମ ପ୍ରବାହର ସ୍ୱାସ୍ଥ୍ୟଗତ ପ୍ରଭାବ ଆକଳନ କରିବା ସମୟରେ ମଧ୍ୟାହ୍ନର ସର୍ବୋଚ୍ଚ ତାପମାତ୍ରା ଅପେକ୍ଷା ରାତିର ସର୍ବନିମ୍ନ ତାପମାତ୍ରା ଅଧିକ ସ୍ପଷ୍ଟ ସୂଚନା ଦେଇଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ଦିନରେ ତାପମାତ୍ରା ୩୮ ଡିଗ୍ରୀ ସେଲସିଅସ ଛୁଇଁବା ପରେ ଯଦି ରାତିରେ ୧୮ ଡିଗ୍ରୀ ସେଲସିଅସ କୁ ଖସିଆସେ, ତାହା ସେହି ଦିନଠାରୁ ସମ୍ପୂର୍ଣ୍ଣ ଭିନ୍ନ ଯେଉଁଠି ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିଅସ ରହି ରାତିସାରା ୨୫ଡିଗ୍ରୀ ସେଲସିଅସ ରୁ ଉପରେ ରହିଥାଏ । ଏହି ଦ୍ୱିତୀୟ ସ୍ଥିତିରେ ସ୍ୱାସ୍ଥ୍ୟଗତ ବିପଦ ବହୁତ ଅଧିକ ଥାଏ । ଏହା ବ୍ୟତୀତ, ଗ୍ରୀଷ୍ମ ପ୍ରବାହ ସମୟରେ କୌଣସି ଛାଇ କିମ୍ବା ସବୁଜ ସ୍ଥାନ ନଥିବା ଘନ ସହରୀ ପରିବେଶରେ "ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ଇଫେକ୍ଟ" ଯୋଗୁଁ ପ୍ରକୃତ ତାପମାତ୍ରା ଆହୁରି କିଛି ଡିଗ୍ରୀ ବୃଦ୍ଧି ପାଇ ବିପଦକୁ ଅଧିକ ବଢ଼ାଇଦିଏ । ଏଭଳି ସ୍ଥିତିରେ ଯଦି କୌଣସି ଆଞ୍ଚଳିକ ତାପମାତ୍ରା ୩୫ଡିଗ୍ରୀ ସେଲସିଅସ ଥାଏ, ତେବେ ତାହା ସହରର ଗଳିରେ ୩୮ କିମ୍ବା ୪୦ ଡିଗ୍ରୀ ସେଲସିଅସ ଭଳି ଅନୁଭୂତ ହୋଇପାରେ ଏବଂ ରାତି ଯାହା ସାଧାରଣତଃ କିଛି ଆଶ୍ୱସ୍ତି ଆଣିବା କଥା, ତାହା ଆଖପାଖ ଅଞ୍ଚଳ ତୁଳନାରେ ଅଧିକ ଗରମ ରହିଥାଏ ।

## କାହିଁକି ନଥାଏ ଏସି

ୟୁରୋପରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି, ଯେଉଁଠି ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ପାର୍ କରିଛି । ଏହି ପ୍ରଚଣ୍ଡ ଗରମ ଯୋଗୁଁ ସେଠାକାର ରାସ୍ତାଘାଟ ତରଳିବା ସହ ରେଳ ସେବା ବାଧିତ ହୋଇଛି ଏବଂ ହସ୍ପିଟାଲଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ, ପୃଥିବୀର ଅନ୍ୟତମ ବିକଶିତ ଅଞ୍ଚଳ ହୋଇ ମଧ୍ୟ ୟୁରୋପର ଲକ୍ଷ ଲକ୍ଷ ଘର, ସ୍କୁଲ ଏବଂ ହସ୍ପିଟାଲରେ ଏୟାର କଣ୍ଡିସନର ବା ଏସି କାହିଁକି ନାହିଁ । ଏହାର ମୁଖ୍ୟ କାରଣ ହେଉଛି ୟୁରୋପର ପାରମ୍ପରିକ ପାଣିପାଗ, ଯେଉଁଠି ପୂର୍ବରୁ ଗରମ ଦିନେ ଏତେ ତାପମାତ୍ରା କେବେ ଦେଖିବାକୁ ମିଳୁନଥିଲା ଏବଂ ଅଧିକାଂଶ କୋଠାବାଡ଼ି ଶୀତଦିନେ ଘରକୁ ଉଷ୍ମ ରଖିବା ପାଇଁ ତିଆରି କରାଯାଇଥିଲା । କେବଳ ସେତିକି ନୁହେଁ, ପ୍ୟାରିସ୍ ଭଳି ଐତିହାସିକ ସହରଗୁଡ଼ିକରେ ପୁରୁଣା କୋଠାର ବାହାର ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ଐତିହ୍ୟ ବଜାୟ ରଖିବା ପାଇଁ ବାହାରେ ଏସି ମେସିନ୍ ଲଗାଇବା ଉପରେ କଠୋର ଆଇନଗତ କଟକଣା ରହିଛି । ଯାହାଫଳରେ ସେଠାକାର ପ୍ରଶାସନ ସହଜରେ ଏସି ଲଗାଇବାକୁ ଅନୁମତି ଦିଏନାହିଁ । ଏହା ସହିତ ଏସି ମେସିନରୁ ବାହାରୁଥିବା ଶବ୍ଦ ପାଇଁ ପଡ଼ୋଶୀ ଏବଂ ହାଉସିଂ ସୋସାଇଟିରୁ ମଧ୍ୟ ଅନୁମତି ନେବା ଜରୁରୀ ହୋଇଥାଏ, ଯାହା ନିୟମ ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନର କାରଣ ସାଜିଥାଏ । ପରିବେଶ ଏବଂ ଜଳବାୟୁ ନୀତି ଅନୁସାରେ ୟୁରୋପୀୟ ସରକାରମାନେ ଏସିକୁ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଏବଂ କାର୍ବନ ନିର୍ଗମନ ବଢ଼ାଉଥିବା ଏକ ମାଧ୍ୟମ ଭାବେ ଗଣିଥାଆନ୍ତି । ସେମାନେ ଏହା ବଦଳରେ ପ୍ରାକୃତିକ ପବନ, ଗଛଲତା ଏବଂ ଉତ୍ତମ ଇନସୁଲେସନ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି । ବର୍ତ୍ତମାନର ପରିସଂଖ୍ୟାନ ଅନୁଯାୟୀ, ବ୍ରିଟେନରେ ମାତ୍ର ୫ ପ୍ରତିଶତ ଏବଂ ଫ୍ରାନ୍ସରେ ପ୍ରାୟ ୨୫ ପ୍ରତିଶତ ଘରେ ଏସି ରହିଛି । ତେବେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମ ପ୍ରବାହର ସମୟ ଏବଂ ତୀବ୍ରତା ବଢୁଥିବାରୁ କେବଳ ପ୍ରାକୃତିକ ଉପାୟ ଏବେ ଯଥେଷ୍ଟ ହେଉନାହିଁ, ଯାହାଫଳରେ ବିଶେଷଜ୍ଞ ଏବଂ ସାଧାରଣ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସୁଛି । ଏସି ଏବେ କେବଳ ଏକ ସୁବିଧା ନୁହେଁ, ବରଂ ସେଠାରେ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ଏକ ପ୍ରମୁଖ ଜରୁରୀ ଆବଶ୍ୟକତା ପାଲଟିଛି ।

## କାରଣ

ଥଣ୍ଡା ଦେଶରେ ଦେଖିବାକୁ ମିଳୁଥିବା ଏଭଳି ଅସହ୍ୟ ଗରମ ଓ ବର୍ଦ୍ଧିତ ତାପମାତ୍ରା ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଛି । ଏହାର କାରଣ ଭାବେ ମୁଖ୍ୟତଃ ପାଣିପାଗ ପରିବର୍ତ୍ତନକୁ ଦର୍ଶାଯାଉଛି । ତେବେ ଏଥିପାଇଁ ଅନ୍ୟ କେତେକ କାରଣ ମଧ୍ୟ ରହିଛି ଯାହା ଏଭଳି ଭୟଙ୍କର






ଜଳବାୟୁ ପରିବର୍ତ୍ତନକୁ ବଢାଇଛି ।

**ହିଟ୍ ଡୋମ୍ ପ୍ରକ୍ରିୟା :** ୟୁରୋପରେ ଗ୍ରୀଷ୍ମ ପ୍ରବାହର ମୂଳ କାରଣ ହେଉଛି "ହିଟ୍ ଡୋମ୍" ପ୍ରକ୍ରିୟା। ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ଏକ ବଡ଼ ଏବଂ ସ୍ଥିର ଉଚ୍ଚ-ଚାପ ବଳୟ ମହାଦେଶ ଉପରେ ଗରମ ପବନକୁ ଆବଦ୍ଧ କରି ରଖିଥାଏ । ଏହି ଚାପ ବଳୟ ଥଣ୍ଡା ପାଣିପାଗକୁ ପ୍ରବେଶ କରିବାକୁ ଦିଏନାହିଁ ଏବଂ ଏକ ଫୁଟୁଥିବା ପାତ୍ରର ଢାଙ୍କୁଣୀ ଭଳି କାମ କରେ, ଯାହାଫଳରେ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇଥାଏ ।

**ବାୟୁମଣ୍ଡଳୀୟ "ଓମେଗା" ବ୍ଲକ୍ :** ବାୟୁମଣ୍ଡଳର ଦ୍ରୁତ ପ୍ରବାହିତ ବାୟୁ ସ୍ରୋତ ବା ଜେଟ୍ ଷ୍ଟ୍ରିମ୍ କେତେବେଳେ କେତେବେଳେ ଗ୍ରୀକ୍ ଅକ୍ଷର 'ଓମେଗା' ଆକାରରେ ବଙ୍କେଇ ଯାଇଥାଏ । ଏହି ବକ୍ର ଆକୃତି ଦୁଇଟି ନିମ୍ନ-ଚାପ ବଳୟ ମଧ୍ୟରେ ଏକ ଉଚ୍ଚ-ଚାପ ବଳୟକୁ ବାନ୍ଧି ରଖେ, ଯାହାଫଳରେ ସ୍ଥିର ଓ ପ୍ରଚଣ୍ଡ ଗରମ ପବନ ଅନେକ ଦିନ ବା ସପ୍ତାହ ପର୍ଯ୍ୟନ୍ତ ୟୁରୋପ ଉପରେ ଜମି ରହେ। ଯାହା ଏଭଳି ବର୍ଦ୍ଧିତ ତାପମାତ୍ରାର କାରଣ ପାଲିଟିଥାଏ ।

**ଗରମ ପବନର ପ୍ରବାହ:** ଏହି ଉଚ୍ଚ-ଚାପ ବଳୟଗୁଡ଼ିକ ପ୍ରାୟତଃ ସାହାରା ମରୁଭୂମି ଏବଂ ଉତ୍ତର ଆଫ୍ରିକାରୁ ଗରମ ଓ ଶୁଷ୍କ ପବନକୁ ସିଧାସଳଖ ଉତ୍ତର ଦିଗକୁ ଟାଣି ଆଣିଥାନ୍ତି । ଏହା ଦ୍ୱାରା ତାପମାତ୍ରା ସାଧାରଣ ଋତୁକାଳୀନ ହାରଠାରୁ ବହୁତ ଅଧିକ ବଢ଼ିଯାଏ ।

**ଦ୍ରୁତ ଜଳବାୟୁ ପରିବର୍ତ୍ତନ:** ମଣିଷକୃତ ଗ୍ଲୋବାଲ ୱାର୍ମିଂ ଯୋଗୁଁ ୟୁରୋପ ମହାଦେଶ ପୃଥିବୀର ହାରାହାରି ତାପମାତ୍ରା ତୁଳନାରେ ଦୁଇ ଗୁଣ ଅଧିକ ଶୀଘ୍ର ଗରମ ହେବାରେ ଲାଗିଛି । ଏହି ବ୍ୟବସ୍ଥାଗତ ପରିବର୍ତ୍ତନ କାରଣରୁ ଗତ ଦଶନ୍ଧିଗୁଡ଼ିକ ତୁଳନାରେ ଏବେ ଅତ୍ୟଧିକ ଗରମର ନୂଆ ରେକର୍ଡ ସାଧାରଣ ଏବଂ ଅଧିକ ଭୟଙ୍କର ହେବାରେ ଲାଗିଛି ।

**ସହରୀ ମଡେଲ ଏବଂ ଭିତ୍ତିଭୂମି:** ୟୁରୋପର ସହର ଏବଂ ଐତିହାସିକ କୋଠାଗୁଡ଼ିକୁ ମୁଖ୍ୟତଃ ଥଣ୍ଡା ଜଳବାୟୁକୁ ଆଖି ଆଗରେ ରଖି ତିଆରି କରାଯାଇଥିଲା, ଯେଉଁଥିରେ ଗରମ ଟାଣୁଥିବା ସାମଗ୍ରୀ ବ୍ୟବହାର ହୋଇଛି । ଏଠାରେ ପବନ ଚଳାଚଳର ଭଲ ବ୍ୟବସ୍ଥା ନାହିଁ ଏବଂ ଛାଇ ପାଇଁ କମ୍ ସୁବିଧା ରହିଛି । ଯାହା "ଅର୍ବାନ ହିଟ୍ ଆଇଲ୍ୟାଣ୍ଡ" ପ୍ରଭାବକୁ ଆହୁରି ବଢ଼ାଇଦିଏ, ଯାହା ଶାରୀରିକ ଭାବେ ଅସ୍ତବ୍ୟସ୍ତ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଏହି ପରିବେଶ ସହ ଖାପଖୁଆଇ ଚଳିବା କଷ୍ଟକର କରିଥାଏ ।

## ସଂକ୍ଷେପରେ ଇତିହାସ

ୟୁରୋପରେ ଜାରି ରହିଥିବା ପ୍ରଳୟଙ୍କରୀ ଗ୍ରୀଷ୍ମ ପ୍ରବାହକୁ ନେଇ କିଛି ଏଭଳି ତଥ୍ୟ ପୂର୍ବରୁ ରହିଛି, ଯାହାକୁ ଜାଣିବା ଓ ବୁଝିବାର ଆବଶ୍ୟକତା ରହିଛି । ସେହିଭଳି କିଛି ତଥ୍ୟକୁ ନେଇ ୨୦୨୨ରେ ଦେଖାଦେଇଥିବା ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ସଂକ୍ଷେପରେ ।

୧. ସବୁ ରେକର୍ଡ ଭାଙ୍ଗୁଛି ପ୍ରଚଣ୍ଡ ଉତ୍ତାପ : ସମଗ୍ର ୟୁରୋପ ମହାଦେଶରେ ତାପମାତ୍ରା ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି. ସୋମବାର, ଜୁଲାଇ ୧୮ ୨୦୨୨ରେ ଫ୍ରାନ୍ସର ଅନେକ ସହରରେ ରେକର୍ଡ ଭାଙ୍ଗି ତାପମାତ୍ରା ୪୨ ଡିଗ୍ରୀ ସେଲସିଅସ କୁ ଛୁଇଁଥିବା ବେଳେ ସେହି ସପ୍ତାହରେ ବ୍ରିଟେନରେ ମଧ୍ୟ ଇତିହାସର ସବୁଠାରୁ ଗରମ ଦିନ ଭାବେ ୪୦.୩ଡିଗ୍ରୀ ସେଲସିଅସ ତାପମାତ୍ରା ରେକର୍ଡ କରାଯାଇଛି । ଯାହା ୨୦୧୯ ର ପୂର୍ବ ରେକର୍ଡ (୩୮.୭ଡିଗ୍ରୀ ସେଲସିଅସ ) କୁ ପଛରେ ପକାଇ ଦେଇଥିଲା । ଲଣ୍ଡନରେ ଏହି ଗରମ ଯୋଗୁଁ ସେଠାକାର ଜାତୀୟ ରେଳ ସେବା ଜନସାଧାରଣଙ୍କୁ ଜରୁରୀ ନହେଲେ ଯାତ୍ରା ନକରିବାକୁ ଏବଂ ଘରେ ରହିବାକୁ ଚେତାବନୀ ଦେଇଥିଲା । ଏପରିକି ମଙ୍ଗଳବାର, ଜୁଲାଇ ୧୯ ରେ କିଛି ପ୍ରମୁଖ ରେଳ ଲାଇନକୁ ଦିନର କିଛି ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା ।

୨. ନିଆଁର ପ୍ରକୋପରେ ଜଳୁଥିଲା ୟୁରୋପ : ଏହି ପ୍ରଚଣ୍ଡ ଖରା ଓ ଗରମ ଯୋଗୁଁ ସମଗ୍ର ମହାଦେଶରେ ଭୟାବହ ଜଙ୍ଗଲ ନିଆଁ ବ୍ୟାପିବାରେ ଲାଗିଥିଲା । 'ୟୁରୋପିଆନ୍ ଫରେଷ୍ଟ ଫାୟାର ଇନଫରମେସନ ସିଷ୍ଟମ'ର ଅତୀତର ତଥ୍ୟ ଅନୁଯାୟୀ, ୨୦୨୨ ମସିହା ଜୁଲାଇ ୨୦ ସୁଦ୍ଧା ସେହି ଅଞ୍ଚଳରେ ପ୍ରାୟ ୧,୯୭୭ଟି ଜଙ୍ଗଲ ନିଆଁ ଲାଗିସାରିଥିଲା । ଯାହା ସାଧାରଣ ହାରାହାରି ସଂଖ୍ୟା ଠାରୁ ପ୍ରାୟ ୩ ଗୁଣ ଅଧିକ । ଏହା ଦ୍ୱାରା ଭୂମଧ୍ୟସାଗରୀୟ ଦେଶଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ ଏବଂ ପର୍ତ୍ତୁଗାଲ, ସ୍ପେନ ଓ ଫ୍ରାନ୍ସର ହଜାର ହଜାର ଲୋକଙ୍କୁ ସେମାନଙ୍କ ଘରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ।

୩. ଶୁଖିଯାଉଛି ଜଳଉତ୍ସ ଓ ନଦୀର ଜଳସ୍ତର : ଜଙ୍ଗଲ ନିଆଁ ବ୍ୟତୀତ ଏହି ଗ୍ରୀଷ୍ମ ପ୍ରବାହ ଯୋଗୁଁ ୟୁରୋପର ଅନେକ ଅଞ୍ଚଳରେ ଭୟଙ୍କର ମରୁଡ଼ି ସ୍ଥିତି ଉପୁଜିଥିଲା । ୟୁରୋପର ପ୍ରାୟ ସମସ୍ତ ସହର ମଧ୍ୟ ଦେଇ କୌଣସି ନା କୌଣସି ନଦୀ କିମ୍ବା ହ୍ରଦ ପ୍ରବାହିତ ହେଉଥିବା ବେଳେ ଏହି ଜଳାଶୟଗୁଡ଼ିକ ସମ୍ପୂର୍ଣ୍ଣ ଶୁଖିଯିବା ସ୍ଥିତିରେ ପହଞ୍ଚିଥିଲା । ଉଦାହରଣ ସ୍ୱରୂପ, ଜୁଲାଇ ମାସର ଆରମ୍ଭରେ ଇଟାଲୀର 'ପୋ ନଦୀ'ର ଜଳସ୍ତର ଏତେ ଗମ୍ଭୀର ଭାବେ ହ୍ରାସ ପାଇଥିଲା ଯେ ଦେଶର ସରକାର ୫ଟି ଭିନ୍ନ ଅଞ୍ଚଳରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ ।

୪. ଜଳବାୟୁ ପରିବର୍ତ୍ତନ ସହ ଅନ୍ୟାନ୍ୟ ଜଟିଳ କାରଣ : ବିଶେଷଜ୍ଞଙ୍କ ଅନୁଯାୟୀ ଏହି ରେକର୍ଡ ଭାଙ୍ଗୁଥିବା ଗ୍ରୀଷ୍ମ ପ୍ରବାହ ପଛରେ ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ୧୮୫୦ ଦଶକ ପରଠାରୁ ବିଶ୍ୱର ହାରାହାରି ପୃଷ୍ଠଭାଗର ତାପମାତ୍ରା ପ୍ରାୟ ୧.୦ ଡିଗ୍ରୀ ସେଲସିଅସ ବୃଦ୍ଧି ପାଇଛି ଏବଂ ବୈଜ୍ଞାନିକମାନଙ୍କ ମତରେ ଏହି ବୃଦ୍ଧି ନିଶ୍ଚିତ ଭାବେ ମାନବୀୟ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ । ତେବେ ଚରମ ଗ୍ରୀଷ୍ମ ପ୍ରବାହ ପାଇଁ ଅନ୍ୟ କେତେକ ଜଟିଳ କାରଣ ମଧ୍ୟ ଦାୟୀ ହୋଇପାରେ। ପାଣିପାଗର ପରିବର୍ତ୍ତନଶୀଳ ପ୍ରକୃତି ଯୋଗୁଁ ଏହାର ସଠିକ୍ କାରଣ ନିରୂପଣ କରିବା କଷ୍ଟକର ହୋଇଥିଲେ ସୁଦ୍ଧା, 'ନେଚର କମ୍ୟୁନିକେସନ୍ସ'ରେ ପ୍ରକାଶିତ ଏକ ସମ୍ପ୍ରତି ସର୍ଭେରୁ ଜଣାପଡ଼ିଛି ଯେ ୟୁରୋପର ଏହି ବଢୁଥିବା ହିଟ୍‌ୱେଭ୍ ପାଇଁ ବାୟୁ ପ୍ରବାହର ପରିବର୍ତ୍ତନ ମଧ୍ୟ ଆଂଶିକ ଭାବେ ଦାୟୀ । ଯାହା ଉତ୍ତର ଆଫ୍ରିକାରୁ ୟୁରୋପ ଆଡ଼କୁ ପ୍ରବଳ ଗରମ ପବନ ବୋହିବାରେ ସାହାଯ୍ୟ କରୁଛି ।





## ମୃଣାଳ

ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୭୧୯୪

## ଓଥରାମାନେ...



ପୁଣେରେ କେତନ ଅଗ୍ରୱାଲଙ୍କ ହତ୍ୟା ଘଟଣା ପରେ ଓଥରାମାନେ ବଡ଼ ହ୍ୟାପି ଅଛନ୍ତି। କହୁଛନ୍ତି ଭାଇ ଦେଖ, କେତନ ଏଯାଏଁ ବାହା ହୋଇ ନ ଥିଲା, ମର୍ଡର ହୋଇଗଲା। ଗଲା ବର୍ଷ ରାଜା ରଘୁବଂଶୀ ବାହା ହୋଇ ସ୍ତ୍ରୀ ସହିତ ହନିମୁନରେ ଗଲା, ସେଠି ମର୍ଡର ହୋଇଗଲା। ତା'ପୂର୍ବରୁ ମିରଟରେ ନୀଳ ଡ୍ରମକେଶ। ଏମିତି ମର୍ଡର ହେବାଠୁ ଅଭିଆଡା ହୋଇ ବଞ୍ଚି ରହିବା ଭଲ।

## ଦରଦାମ

ଦରଦାମ (ଇଂରାଜୀରେ ବାର୍ଗେନିଙ୍ଗ) ଗୋଟେ କଳା। ଏ କଳାରେ ମହିଳାମାନେ ଜନ୍ମରୁ ଏକ୍ସପର୍ଟ। ପୁଅମାନେ ଯେତେ ସାହସୀ ହୋଇଥାନ୍ତୁ ନ କାହିଁକି, ଦେଢହଜାର ଟଙ୍କା ଲେବୁଲ ଲଗା ଯାଇଥିବା ଜିନିଷକୁ 'ଦେଢ଼ ଶହ ଟଙ୍କାରେ ଦବ କି' ବୋଲି ପଚାରିବାର ସାହସ ପୁଅମାନଙ୍କର ନାହିଁ, ଆଉ ଭବିଷ୍ୟତରେ କେବେ ହେବ କି ନାହିଁ ମୋର ସନ୍ଦେହ। ଆଉ ଆଚମ୍ବିତ କଥା ହେଲା ଅନେକ ସମୟରେ ଦୋକାନୀ ଦେଢହଜାର ଟଙ୍କା ଲେବୁଲ ଲଗା ଯାଇଥିବା ଜିନିଷକୁ ସେମାନଙ୍କୁ ଦେଢ଼ ଶହ ଟଙ୍କାରେ ଦେଇ ବି ଦିଅନ୍ତି। ଖାଲି ଦିଅନ୍ତିନି, କହନ୍ତି - ଦିଦି ପୁଣି ଆମ ଦୋକାନରେ ପାଦ ପକେଇବେ।

# ବେତମରା କୂଅ

ବହୁ ବୈଚିତ୍ର୍ୟ ଭରା ଆମର ରାଜ୍ୟ। ଅନେକ ଇତିହାସ, ଐତିହ୍ୟ କିର୍ତ୍ତିରାଜୀ, କେତେ କେତେ କାହାଣୀ, କିମ୍ବଦନ୍ତୀ ଓ ଲୋକକଥାର ସୂକ୍ଷ୍ମ ସୂତ୍ରରେ ବନ୍ଧା ଆମର ସାମାଜିକ ଜନ ଜୀବନ। ବିଶ୍ୱାସ, ଅବିଶ୍ୱାସର ପ୍ରହେଳିକା ଭିତରେ ସମର୍ପଣର ଏକ ନିରାଡମ୍ବର ଜୀବନଚର୍ଯ୍ୟା ତଥାପି ଆଚ୍ଛନ୍ନ କରି ରଖିଛି ଆମ ଜୀବନକୁ । ମୋର ବନ୍ଧୁ ତଥା 'ଢେଙ୍କାନାଳ ହେରିଟେଜ ୱାକ'ର ମୁଖ୍ୟ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର ନିୟମିତ ଏମିତି କାର୍ତ୍ତିରାଜୀ ବିଷୟରେ ତାଙ୍କ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ଲେଖନ୍ତି। ଏଥର ସେ ଲେଖିଛନ୍ତି ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡର ସୋଗର ଗ୍ରାମରେ ଥିବା ଦେଢ଼ଶହ ବର୍ଷର ଏକ କୂଅ ବିଷୟରେ, ଯାହାକୁ ଲୋକେ "ବେତମରା କୂଅ" ବୋଲି କହନ୍ତି। ସୋଗର ଗ୍ରାମର ଉପକଣ୍ଠରେ ବ୍ରାହ୍ମଣୀ ନଦୀର ଅବବାହିକାରେ ରହିଛି ଏହି କୂଅ। କୂଅଟିର ଠିକ ଉପରକୁ ମାତ୍ର ଦଶ ମିଟର ଦୂରରେ ରହିଛି ସୋଗର ଗ୍ରାମର ମହିମା ଆଶ୍ରମ।

କିମ୍ବଦନ୍ତୀ କହେ, ଉନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀ ଦିନେ ଏହି ସ୍ଥାନରେ ପଦାର୍ପଣ କରି ବ୍ରାହ୍ମଣୀ ନଦୀର ଅନତି ଦୂରରେ ଥିବା ଏକ ଉଚ୍ଚ ସ୍ଥାନରେ ବିଶ୍ରାମ ନେଇ ଧୁନି ସ୍ଥାପନ କରିଥିଲେ। ତହିଁ ପରଦିନ ବ୍ରାହ୍ମ ମୁହୂର୍ତ୍ତରେ ଶୂନ୍ୟ ବ୍ରହ୍ମଙ୍କ ନିରାଜନା ପାଇଁ ଜଳ ଆଣିବା ନିମନ୍ତେ ଜଣେ ଶିଷ୍ୟଙ୍କୁ କହିବା ପରେ ଦୂରରେ ଥିବା ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ବିଳମ୍ବ ହୋଇପାରେ ବୋଲି ଶିଷ୍ୟ ଜଣାନ୍ତେ, ମହିମା ସ୍ୱାମୀ ଧରିଥିବା ବେତବାଡ଼ିକୁ ନିଜ ଦକ୍ଷିଣ ହସ୍ତରେ ଦୂରକୁ ଫିଙ୍ଗି ଦେଲେ। ତା'ପରେ ନିଜ ଶିଷ୍ୟଙ୍କୁ କହିଲେ, ଏହି ବେତଟି ଯେଉଁଠି ପଡିଥିବ ସେଇଠାରେ ଏକ ଜଳସ୍ରୋତ ସୃଷ୍ଟି ହୋଇଛି ଓ ସେହି ଭୂମି ଉଦଗତ ଜଳକୁ ବ୍ରହ୍ମ ନିରାଜନା ପାଇଁ ନେଇ ଆସ। ଆଶ୍ଚର୍ଯ୍ୟର କଥା ଅନତି ଦୂରରେ ବେତ ଯେଉଁ ସ୍ଥାନକୁ ଆଘାତ କରିଥିଲା ସେହି ସ୍ଥାନରୁ ଏକ ଜଳ ଧାରା ସୃଷ୍ଟି ହୋଇଛି। ଏହି ଅଲୌକିକ ଘଟଣା ଦେଖି



ଶିଷ୍ୟବର୍ଗ ଓ ଉପସ୍ଥିତ କିଛି ଗ୍ରାମବାସୀ ଚମତ୍କୃତ ହୋଇଥିଲେ।

ପରେ ସେହି ଜଳ ଉତ୍ସକୁ ପଥର ଆବଦ୍ଧ କରି ଅଞ୍ଚଳବାସୀ ଏକ କୂଅରେ ରୂପାନ୍ତରିତ କରିଛନ୍ତି । ମହିମା ସ୍ୱାମୀ ବେତମାରି ସେଠାରେ ଏହି କୂଅ ଖୋଳି ଥିବାରୁ ଲୋକେ ଶ୍ରଦ୍ଧାରେ ସେଇ ଦିନଠାରୁ ଏହାକୁ ବେତମରା କୂଅ ଭାବରେ ସମ୍ବୋଧନ କରି ଆସୁଛନ୍ତି। ବର୍ଷ ତମାମ ଖରା, ବର୍ଷା, ଶୀତରେ ମଧ୍ୟ ଏହି କୂଅର ଜଳସ୍ତର ବଢେ ନାହିଁ କି କମେ ନାହିଁ ବୋଲି ଅଞ୍ଚଳ ଲୋକେ କହନ୍ତି। ଗୋଟିଏ କୂଅକୁ କେନ୍ଦ୍ର କରି ଏହି କମ୍ବଦନ୍ତୀ ପଛରେ ରହସ୍ୟ ଯାହା ଥାଉନା କାହିଁକି, ଏହା ଯେ ଆମ ଐତିହ୍ୟର ଏକ ଜ୍ୱଳନ୍ତ ପ୍ରତିକ ଏଥିରେ ସନ୍ଦେହର ଅବକାଶ ନାହିଁ।

# ଛତା



ଖରା ଯେତେବେଳେ ପ୍ରବଳ ସେତେବେଳେ ଅନେକେ ଛତା ବ୍ୟବହାର କରନ୍ତି। ବିଶେଷ କରି କିଶୋରୀ, ତରୁଣୀ ଆଉ ନିଜକୁ ତରୁଣୀ ଭାବୁଥିବା ମହିଳାମାନେ। ମୋ ଭଳି କେତେଜଣ ବୟସ୍କ ଲୋକ ବି ଛତା ଧରି ବାହାରକୁ ଯାଆନ୍ତି। ଖରା ଜୋର ହେଲେ ମୁଣ୍ଡ ବଞ୍ଚେଇବେ। ଦରକାର ପଡ଼ିଲେ walking ଷ୍ଟିକ ଭାବରେ ବ୍ୟବହାର କରିବେ। ବର୍ଷା ଦିନ ଆସିଲା ମାତ୍ରେ ଅଧିକାଂଶ ଲୋକଙ୍କର ଛତା କଥା ମନେ ପଡ଼ିଯାଏ। ସେମାନେ ଛତା ଧରି ଘରୁ ବାହାରନ୍ତି। କିନ୍ତୁ ବର୍ଷା ନ ହେଲେ ବା ହୋଇ ଛାଡ଼ିଗଲେ ଛତା ତାଙ୍କୁ ବୋଝ ଭଳି ଲାଗେ। ଏଇଥିରୁ ବୁଝନ୍ତୁ - ଜୀବନରେ ଆବଶ୍ୟକତା ସରିଗଲେ ବସ୍ତୁ ହେଉ ବା ମଣିଷ - ବୋଝ ଭଳି ଲାଗେ। ଆଚ୍ଛା, ବିଫଳ ପ୍ରେମ ଭଳି ଛତା ହଜେଇବା ଏମିତି ଏକ କଥା ଯାହା ସମସ୍ତଙ୍କ ଜୀବନରେ ଥରେ ଅଧେ ନିଶ୍ଚୟ ହେଇଛି। ମୋ ଭଳି ବେଓକୁଫଙ୍କ ଜୀବନରେ ଏହା ଏକାଧିକ ବାର ଘଟିଛି। ଏଠି ମୁଁ କେବଳ ଛତା ହଜେଇବା କଥା କହୁଛି। ଜୀବନରେ ଗୋଟିଏ ବି ଛତା ହଜେଇ ନାହିଁ - ଏମିତି ଲୋକ ହୁଏ ତ ଅମଣିଷ କିମ୍ବା ମହାପୁରୁଷ।

## ବାପା: 'ପିତା'ରୁ 'ପାପା'

ସାମାଜିକ ଗଣମାଧ୍ୟମରୁ ଜାଣିଲି ୨୧ ଜୁନ ଥିଲା 'ଫାଦର୍ସ ଡେ'। ପିତା ଦିବସ। ମୋ ବୟସ ୬୫ ପାରେଇଲାଣି। ଆମେ ପିଲାଥିଲା ବେଳେ 'ଫାଦର୍ସ ଡେ' ବା ପିତା ଦିବସ ବୋଲି ଗୋଟେ ନିର୍ଦ୍ଦିଷ୍ଟ ଦିନ ଅଛି - ଜାଣିନ ଥିଲୁ। ସବୁ ଡେ ଥିଲା 'ଫାଦର୍ସ ଡେ'। କାରଣ ଘରେ ବାପା ଥିଲେ ହେଡ। ଘର ଯଦି ଗୋଟେ ରାଜ୍ୟ, ତେବେ ସେ ହେଲେ ତା'ର ରାଜା। ସେ ହେଲେ ସୁପ୍ରିମ କୋର୍ଟ। ତାଙ୍କ ଫଇସଲା ଅନ୍ତିମ। ସେ ଯାହା କହିବେ ତାହା ବେଦ। ତା' ଉପରେ ଆଉ କଥା ନାହିଁ। ସେ ଘରକୁ ପଶିଲେ ସମସ୍ତେ ଚୁପ। ସେ ଘରେ ଥିଲା ଯାଏଁ ଘରେ ଯେମିତି କର୍ଫ୍ୟୁ ଲାଗିଥାଏ। ସେତେବେଳେ ବାପାଙ୍କୁ ବାପା, ବାବା ବା ନନା ବୋଲି ଡକାଯାଉଥିଲା। ରାଜା ରାଜୁଡ଼ାଙ୍କ ଜମାନା ଗଲା ଭଳି, ବାପାମାନଙ୍କ ସେ ଥାଟ ବାଟ ଗଲାଣି। ଏବେ ଦେଖୁଛି ଅନେକ ପିଲା ବାପାଙ୍କୁ ଡାଡି, ଡାଡ ବା ପାପା ବୋଲି ଡାକୁଛନ୍ତି। ବାପାଙ୍କୁ ବନ୍ଧୁ ବୋଲି ଭାବୁଛନ୍ତି। ବାପାଙ୍କ ପ୍ରତି ଆଗରୁ ଯେଉଁ ଭୟ ଆଉ ସଂଭ୍ରମ ଥିଲା - ତାହା ଆଉ ନାହିଁ। ବାପାମାନେ ବି ଏହାକୁ ଆନନ୍ଦରେ ହେଉ ବା ବାଧ୍ୟବାଧକତାରେ ଗ୍ରହଣ କରି ନେଉଛନ୍ତି। ଏଟା ଭଲ ହେଲା କି ନୁହେଁ - କହି ପାରିବିନି। କିନ୍ତୁ ସମୟ ବଦଳିବା ସହିତ ପରିବାରରେ 'ବାପା'ଙ୍କ ପୋଜିସନରେ ବେଶ ପରିବର୍ତ୍ତନ ହୋଇଛି।



## ଇନ୍‌ସ୍କ୍ୟୁର ଭଲ ନୁହେଁ

ଏହାରି ଭିତରେ ଇଣ୍ଡଷ୍ଟ୍ରୀରେ ୨୬ ବର୍ଷ କାଟିଛନ୍ତି ଅଭିନେତା ଅଭିଷେକ ବଚ୍ଚନ । 'ରିଫ୍ୟୁଜି' ଚଳଚ୍ଚିତ୍ରରୁ କରିନା କପୁରଙ୍କ ସହ ନିଜର କ୍ୟାରିୟର ଆରମ୍ଭ କରିଥିବା ଅଭିଷେକ ଏକ ସାକ୍ଷାତକାରରେ କହିଛନ୍ତି ଯେ, ସମୟ ସହିତ ସେ କ୍ୟାମେରା ସମ୍ମୁଖରେ ଅଧିକ ସହଜ ଏବଂ ଆତ୍ମବିଶ୍ୱାସୀ ଅନୁଭବ କରୁଛନ୍ତି । ଯାହା ତାଙ୍କୁ କେଉଁ ସିନେମା କରିବା ଉଚିତ ଏବଂ କେଉଁଟି ନୁହେଁ ସେ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବାରେ ସାହାଯ୍ୟ କରୁଛି । ପ୍ରାରମ୍ଭିକ ଦିନରେ କାମ ମିଳିବା ନ ମିଳିବାର ଆଶଙ୍କା ଥିଲେ ମଧ୍ୟ ଏବେ ପରିପକ୍ୱତା ଯୋଗୁଁ ସେ ନିଜ ନିଷ୍ପତ୍ତିରେ ଦୃଢ଼ ରହୁଛନ୍ତି । ସେହିଭଳି ଅନ୍ୟ କଳାକାରଙ୍କୁ ନେଇ କେବେବି ଅସୁରକ୍ଷିତ ମନେ କରିନଥାଆନ୍ତି ଅଭିଷେକ । 'ଗୁରୁ', 'ଯୁବା', 'ବଣ୍ଟି ଅର୍ ବବ୍‌ଲି' ଏବଂ 'ଧୁମ୍' ଭଳି ସୁପରହିଟ୍ ଫିଲ୍ମ ଦେଇଥିବା ଅଭିଷେକ ସମ୍ପ୍ରତି 'ଦି ବିଗ୍ ବୁଲ୍', 'ଦାସଭି', 'ଆଇ ୱାଣ୍ଟ ଟୁ ଟକ୍' ଓ 'ବି ହାପି' ଭଳି ଚଳଚ୍ଚିତ୍ରରେ ଭିନ୍ନ ଭିନ୍ନ ଚରିତ୍ରରେ ନଜର ଆସିଛନ୍ତି । ଆଗାମୀ ଦିନରେ ସେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ତଥା ଶାହରୁଖ ଖାନଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ ଚଳଚ୍ଚିତ୍ର 'କିଙ୍ଗ'ରେ ସୁହାନା ଖାନ, ଦୀପିକା ପାଦୁକୋନ, ଅନିଲ କପୁର ଏବଂ ରାନୀ ମୁଖାର୍ଜୀଙ୍କ ସହ ଏକ ପ୍ରମୁଖ ଭୂମିକାରେ ଦେଖାଦେବେ ।



## ଶ୍ରେୟାଙ୍କ ଆକ୍ଷେପ

ରିଆଲିଟି ଶୋ' 'ଲକ୍ ଅପ ସେଟରୁ ଅନେକ ଖବର ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟୁଛି । ଏଥିରେ ଥିବା ପ୍ରତିଯୋଗୀ ଶ୍ରେୟା କାଲ୍‌ରା ଟେଲିଭିଜନ ସୁପରଷ୍ଟାର୍ ହର୍ଷଦ ଚୋପ୍ରାଙ୍କ ଉପରେ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କୁ 'ଅହଂକାରୀ' ବୋଲି କହିଛନ୍ତି । ଶୋ'ର ଏକ ଟାସ୍କରେ ହାରି 'ଆଟ୍ ରିସ୍କ' ଜୋନ୍‌କୁ ଆସିବା ପରେ ଭାବପ୍ରବଣ ହୋଇ ଶ୍ରେୟା ଅନ୍ୟ ଜଣେ ପ୍ରତିଯୋଗୀ ମାଧୁରୀ ଗ୍ରୋଭରଙ୍କ ଆଗରେ ନିଜର କ୍ରୋଧ ପ୍ରକାଶ କରି ଏହା ପ୍ରକାଶ କରିଛନ୍ତି । ହର୍ଷଦଙ୍କୁ ବାହାରେ କେହି କାମ ଦେଉନାହାନ୍ତି ଏବଂ ତାଙ୍କର ଅହଂକାରୀ ମନୋଭାବ ଯୋଗୁଁ ହିଁ ସେ ଏପର୍ଯ୍ୟନ୍ତ ଅବିବାହିତ ଅଛନ୍ତି ବୋଲି ମନ୍ତବ୍ୟ ପ୍ରଦାନ କରିଛନ୍ତି । ଅନ୍ୟପଟେ ହର୍ଷଦ ପୂର୍ବରୁ ଶୋ'ରେ ନିଜ ସିଙ୍ଗଲ୍ ଷ୍ଟାଟସ୍‌କୁ ନେଇ ପ୍ରକାଶ କରିଥିଲେ ଯେ ବିଗତ ସମ୍ପର୍କରେ ମିଳିଥିବା ପ୍ରତାରଣା ଯୋଗୁଁ ସେ ବିବାହ କରିନାହାନ୍ତି ।





## ଅକ୍ଷୟଙ୍କୁ ପ୍ରଶଂସା

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ୱେଲକମ୍ ଟୁ ଦି ଜଙ୍ଗଲ୍' ରିଲିଜ ହୋଇଛି । ଏଥିରେ ଏକ ସ୍ପେଶାଲ୍ ଗୀତ 'ଘିସ୍ ଘିସ୍ ଘିସ୍'ରେ ଅଭିନୟ କରିଥିବା ଭୋଜପୁରୀ ସୁପରଷ୍ଟାର୍ ଅକ୍ଷରା ସିଂହ ଖିଲାଡି କୁମାରଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାକୁ ନେଇ ଖୁବ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ଅକ୍ଷରା ପ୍ରକାଶ କରିଛନ୍ତି ଯେ ଏହି ଗୀତର ସୁଟିଂ ସମୟରେ ଅକ୍ଷୟଙ୍କୁ ପ୍ରବଳ ଜ୍ୱର ହୋଇଥିଲେ ମଧ୍ୟ ସେ ନିଜ ଭ୍ୟାନିଟି ଭ୍ୟାନକୁ ନଯାଇ ନିରନ୍ତର ସୁଟିଂ ଜାରି ରଖିଥିଲେ । ନିର୍ଦ୍ଦେଶକ 'ଆକ୍ସନ' କହିବା ମାତ୍ରେ ଅକ୍ଷୟ ନିଜର କଷ୍ଟକୁ ଭୁଲି ହସହସ ମୁହଁରେ କ୍ୟାମେରା ସମ୍ମୁଖକୁ ଚାଲି ଆସୁଥିଲେ, ଯାହା ତାଙ୍କ କାମ ପ୍ରତି ଥିବା ଦାୟିତ୍ୱବୋଧ ଓ ଭଲପାଇବାକୁ ଦର୍ଶାଉଛି ବୋଲି ଆକାଂକ୍ଷା ପ୍ରକାଶ କରିଛନ୍ତି । ସେହିଭଳି ଅଭିନେତ୍ରୀ ଅକ୍ଷରା ସିଂହଙ୍କ ପାଇଁ ଅକ୍ଷୟ କୁମାରଙ୍କ ଭଳି ଜଣେ ଶୀର୍ଷ କଳାକାରଙ୍କ ସହ କାମ କରିବା ଏକ ସ୍ୱପ୍ନ ସାକାର ହେବା ସଦୃଶ ଥିଲା ବୋଲି ସେ ଗର୍ବର ସହ ପ୍ରକାଶ କରିଛନ୍ତି ।



## ବୟସ ଏକ ସଂଖ୍ୟା

ଅଭିନେତ୍ରୀ ତଥା ଉଦ୍ୟୋଗୀ ମହୀପ କପୁର, ସୋହା ଅଲୀ ଖାନଙ୍କ ପୋଡକାଷ୍ଟ 'ଅଲ୍ ଏବାଉଟ୍ ହର'ର ଏକ ଏପିସୋଡ୍‌ରେ ଦେଇଥିବା ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚାରେ ଅଛନ୍ତି । ତାଙ୍କ ବୟସକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱର ଅନ୍ତ ସେ ଏଠାରେ ଘଟାଇଛନ୍ତି । ୱିକିପିଡିଆରେ ତାଙ୍କ ବୟସ ୪୩ ବର୍ଷ ବୋଲି ଭୁଲ୍ ତଥ୍ୟ ଥିବା ଦର୍ଶାଇ ମହୀପ ସ୍ପଷ୍ଟ କରିଛନ୍ତି ଯେ, "ମୋର ବୟସ ୪୩ ନୁହେଁ ୫୨ ବର୍ଷ । ସେ ବୟସକୁ ଲୁଚାଇବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି । ବୟସ କେବେଳ ଏକ ସଂଖ୍ୟା ବୋଲି ମହୀପ ପ୍ରକାଶ କରିବା ସହିତ ବୟସ କାରଣରୁ କୌଣସି କାର୍ଯ୍ୟ କେବେ ଅଟକିବ ନାହିଁ ବୋଲି ପ୍ରକାଶ କରିଛନ୍ତି । ତାଙ୍କର ଏଭଳି କଥା ବର୍ତ୍ତମାନ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି ।

## ଭଲପାଇବା ରହିବ

ଲୋକପ୍ରିୟ ଅଭିନେତା ଗୌରବ ଖାନ୍ନା ଏବଂ ତାଙ୍କ ପତ୍ନୀ ଆକାଂକ୍ଷା ଚାମୋଲାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ପ୍ରଥମ ଥର ପାଇଁ ଗୌରବ ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି । 'ଲକ୍ ଅପ୍ ୨' ରିଆଲିଟି ଶୋ'ରେ ଭାଗ ନେଇଥିବା ଆକାଂକ୍ଷାଙ୍କୁ ସେ ନିଜର ସମର୍ଥନ ଜଣାଇଛନ୍ତି । ପାପାରାଜିଙ୍କ ସହ କଥାବାର୍ତ୍ତା ବେଳେ 'ଅନୁପମା' ଫେମ୍ ଗୌରବ କହିଛନ୍ତି ଯେ ସେ ସର୍ବଦା ଆକାଂକ୍ଷାଙ୍କ ସହ ଅଛନ୍ତି ଏବଂ ଶୋ'ରେ ସେ ଭଲ ଖେଳି ବିଜୟୀ ହୋଇ ଫେରନ୍ତୁ ବୋଲି ଆଶା କରୁଛନ୍ତି । ସେ ବିବାହ ବିଚ୍ଛେଦ ପ୍ରସଙ୍ଗରେ ସିଧାସଳଖ କିଛି କହିନାହାନ୍ତି । ଅନ୍ୟପଟେ 'ଲକ୍ ଅପ୍ ୨'ର ପ୍ରିମିୟର ଏପିସୋଡ୍‌ରେ ଆକାଂକ୍ଷା ସ୍ପଷ୍ଟ କରିଥିଲେ ଯେ ସେମାନେ ବିଗତ ଏକ ବର୍ଷ ହେବ ପରସ୍ପରଠାରୁ ଅଲଗା ରହୁଛନ୍ତି ଏବଂ ଏହି ନିଷ୍ପତ୍ତି ପାରସ୍ପରିକ ସହମତିରେ ନିଆଯାଇଛି । ସେମାନଙ୍କ ମଧ୍ୟରେ କୌଣସି ତିକ୍ତତା ନାହିଁ ବୋଲି ଦର୍ଶାଇ ଆକାଂକ୍ଷା ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ସେ ମାତୃତ୍ୱ ଗ୍ରହଣ କରିବାକୁ ଚାହୁଁ ନଥିବା ବେଳେ ଗୌରବ ସନ୍ତାନ ଚାହୁଁଥିଲେ, ଏବଂ ଜୀବନର ଏହି ଭିନ୍ନ ଚିନ୍ତାଧାରା ଯୋଗୁଁ ହିଁ ସେମାନେ ସମ୍ମାନର ସହ ପରସ୍ପରଠାରୁ ଅଲଗା ହେବାକୁ ଶ୍ରେୟସ୍କର ମଣିଛନ୍ତି ।



## ବରଷା ଆସି ଭରସା ଦେଲା

ଆସି ବରଷା ଦେଲା ଭରସା
ଦୋରସା ହେଲା ମାଟି
ଚାଷୀଭାଇର ଲଙ୍ଗଳମୁନେ
ମାଟିତ ଗଲା ଫାଟି ॥
କଅଁଳି ଉଠେ ଝାଉଁଳା ଘାସ
ଗଛ ପତର ଯେତେ
ଗଛରେ ଧରେ ଫଳ ଓ କୋଳି
ପାଚିତ ଯାଏ କେତେ ॥
ଘାସ ପିଠିରେ ସାଧବବୋହୂ
ନିତି ରଚଇ ରାସ
ଚାଷୀଭାଇଟି ଡାକେ ବରଷା
ଆସ ସଅଳ ଆସ ॥
ଚାତକ ପକ୍ଷୀ ବରଷା ଦେଖି
ଖୁସିରେ ପିଏ ଜଳ
ବରଷା ଆସି ବଢ଼ାଇ ଦିଏ
ଗଛଲତାଙ୍କ ବଳ ॥
ଚମକେ ପୁଣି ବିଜୁଳି ରାଣୀ
ଶୁଭଇ ଘଡ଼ଘଡ଼ି
ନଈ ପୋଖରୀ ଉଠଇ ପୂରି
ନଈରେ ହେବ ବଢ଼ି ॥
ଶୁଖିଲା ଥିଲା ପୂରି ଉଠିଲା
ନଈ ଗାଇଲା ଗୀତ
ଦେଲା ଭରସା ଆସି ବରଷା
ଜୀବ ଜଗତ ମିତ ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଟୁପୁରୁ ଟାପୁରୁ ବର୍ଷା ପାଣି

ଟୁପୁରୁ ଟାପୁରୁ ବର୍ଷା ପାଣି
ରଡ଼ି ଛାଡ଼ିଲାଣି ବେଙ୍ଗୁଲି ନାନୀ
ଗାଁ ଦାଣ୍ଡରେ ବହୁଛି ପାଣିର ସୁଅ
କାଗଜ ଡଙ୍ଗାଟେ ଶୀଘ୍ର ବନାଅ
ଭସାଇ ଦେବା ପାଣି ସୁଅରେ
ଯାଇ ପହଁଚିବ ଆର ସାହିରେ
ବେଙ୍ଗମାନଙ୍କର କେଁକଟର
ଶବଦ ଶୁଭୁଛି ଗାଁ ଯାକର
ବର୍ଷା ଦେଖି ଚାଷୀ ବିଭୋର
ଖେତ କରିବାକୁ ସେ ଆଗଭର
ବିଲ ବାଡ଼ି ସବୁ ଦିଶେ ସବୁଜ
ମନରେ ଆଣିଛି କେତେ ମଉଜ
ଟୁପୁରୁ ଟାପୁରୁ ବର୍ଷା ପାଣି
ଆମ ପାଇଁ ପରା ସେ ସଞ୍ଜିବିନୀ ॥

**ଡ. ସଦାବିହାରୀ ସାହୁ**
ଇ-ମେଲ: sadabihari@rediffmail.com

## ପ୍ରଭୁ ଅଲାରନାଥ...

ମହାପ୍ରଭୁ ତୁମ ଅଲାରନାଥ
ବ୍ରହ୍ମଗିରି ମଧ୍ୟେ ପୂଜିତ ନାଥ ।
ଜର ହେଲା ବୋଲି ଜଗତସାଇଁ
ଦେଉଳେ ଶୋଇଲେ କବାଟ ଦେଇ ।
ତୁମ ପୀଠସ୍ଥଳେ ଭକତ ଠୁଳ
ଦରଶନ ପାଇଁ ହୁଅନ୍ତି ଭୋଳ ।
ବ୍ରହ୍ମବନେ ପ୍ରଭୁ ତୁମରି ବାସ
ବ୍ରହ୍ମା ଥାପିଥିଲେ ହେ ଜଗଦୀଶ ।
ଆଦିଦେବତା ହେ ଜଗତକର୍ତ୍ତା
ପୁରାଣ ବଖାଣେ ତୁମରି ଗାଥା ।
ଦାରୁ ଦିଅଁଙ୍କର ଦେଖା ନ ପାଇ
ଆସିଥିଲେ ଦିନେ ଚୈତନ୍ୟ ଧାଇଁ ।
ବ୍ରାହ୍ମଣ ବାଳକ ହାତରୁ ଖିରି
ଖାଇଥିଲ ପରା ଯତନ କରି ।
ଚାରିଭୁଜ ବିଷ୍ଣୁ ରୂପର ବେଶେ
ଭକତର ଇଚ୍ଛା ଦର୍ଶନ ଆଶେ ।
ଅନସର କାଳେ ଦର୍ଶନ ପାଇ
ଭକତଙ୍କ ମନ ଯାଏ ରେ ମୋହି ।

**ନଗେନ୍ଦ୍ର ନାଥ ପଟ୍ଟନାୟକ**
ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ: ୯୪୩୮ ୩୩୨୦୩୮



## ଅମୃତଭଣ୍ଡା

ବାଡ଼ି କୋଣେ ହସେ ଅମୃତଭଣ୍ଡା,
ଦେଖିବାକୁ ସିଏ ନୁହେଁ ଯେ କଣ୍ଡା ।
କଞ୍ଚା ବେଳେ ତାର ପରିବା ସ୍ୱାଦ,
ପାଚିଲେ ମିଠାରେ ନଥାଏ ଭେଦ ।
ଭିଟାମିନ୍ 'ଏ'ର ସିଏ ଭଣ୍ଡାର,
ଆଖିର ଜ୍ୟୋତିକୁ ରଖଇ ଖର ।
'ସି' ଆଉ 'ଇ' ବି ଅଛି ଏଥିରେ,
ରୋଗ ସାଥେ ଲଢ଼େ ପ୍ରତି ଶରୀରେ ।
ପେଟର ଯେତେକ ସମସ୍ୟା ପାଇଁ,
ଏହାଠୁ ବଳି କି ଅଉଷଧ ନାହିଁ ।
ପେପାଇନ୍ ଗୁଣ ହଜମ କରାଏ,
ଶରୀରକୁ ସିଏ ସତେଜ ରଖେରେ ।
କଷି ହେଉ କିମ୍ବା ପାଚିଲା ଫଳ,
ଖାଇଲେ ବଢ଼ଇ ଦେହର ବଳ ।
ଗୁଣରେ ସିଏ ଯେ ଅମୃତ ପରି,
ଖାଅ ପିଲାଏ ତାକୁ ଆଦର କରି ।

**ଡ. ସନ୍ତୋଷ କୁମାର ପଣ୍ଡା**
କଟକ, ମୋ: ୮୨୪୯୦୨୧୪୨୪



## ବାପା

ସ୍ୱର୍ଗଠୁ ବିଶାଳ ହୃଦୟ ତୁମର
ସିନ୍ଧୁଠୁ ଅଟେ ଗଭୀର
ଦୁଃଖରେ ତୁମେ ମୋ ସାହାରା
ଅସରନ୍ତି ସ୍ନେହ ଭଣ୍ଡାର ॥
ଜୀବନ ନିଦାଘ ଝଞ୍ଜି ପଥରେ
ତୁମେ ସରୁନଥିବା ଖରାଛାଇ
ମୋ ଚଲାପଥର ପ୍ରେରଣା ତୁମେ
ତୁମ ପରି କେହି ନାହିଁ ॥
ମୋ ଜୀବନ ପଥର ଠିକଣା ତୁମେ
ମୋ ପ୍ରତି ସ୍ପନ୍ଦନର ଗୀତି
ମୋ ଜୀବନ ରାସ୍ତାର ବିଶ୍ୱସ୍ତ ମିତ୍ର
ମୋ ସବୁ ସମୟର ସାଥୀ ॥
ଅମଡ଼ା ପଥରେ ତୁମେ ସଠିକ୍ ଠିକଣା
ଅବାଟକୁ ନଯିବାର ଏକ ବନ୍ଧନ
ଝଡ଼ ବରଷାରେ ତୁମେ ମୋର ଛତା
ତୁମ ସହ କେହିନୁହେଁ ସମାନ ॥
ପୁଣ୍ୟର ସାଗର, ପ୍ରୀତିର ମନ୍ଦିର
ମୋ ପାଇଁ ସ୍ୱୟଂ ଦେବତା
ସାଗର ଠାରୁ ଗଭୀର ଅଟେ
ତୁମର ସହନଶୀଳତା ॥

**ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ-୯୬୬୮୮୧୫୩୬୯

## ବରଷାର ଋତୁ ଆସିଲା

ବରଷାର ଋତୁ ଆସିଲା ଏଣିକି
ଆକାଶ ଦିଶିବ ମେଘୁଆ,
ଲଙ୍ଗଳ କୁଆଳି ସଜ କରିଲେଣି
ପଡ଼ିଶା ମଉସା ରଘୁଆ ॥
ଧରା ବଗିଚାରୁ ହଟିଯିବ ଧୀରେ
ଗିରିଷମ ଝାଞ୍ଜି ଡହକ,
ଆଶାଢ଼ ଆଣିବ ପଣତରେ ବାନ୍ଧି
ଶୀତଳ ଛୁଆଁର କୁହୁକ ॥
ମେଘୁଆ ଆକାଶ ହସିଦେଲେ ଥରେ
ନିଗିଡ଼ି ପଡ଼ିବ ବରଷା,
ଫଟାମାଟି ପେଟ ଭରିଯିବ ଜଳେ
ପରିବେଶ ହେବ ସରସା ॥
ସୁନା ରଙ୍ଗ ପରି ବିଜୁଳି ମାରିବ
ଆଲୋକିତ ହେବ ଧରଣୀ,
ନଦୀର ଗରଭେ ଭରିଯିବ ପାଣି
ଭାସିବ ନିଇତି ତରଣୀ ॥
ବରଷା ରାଣୀର କୁହୁକ ଛୁଆଁରେ
ଧରଣୀ ଦିଶିବ ନେଳିଆ,
କାଗଜର ଡ଼ଙ୍ଗା ଭସାଇବେ ମିଶି
ଲିଟନ, ସାଜନ, ବଳିଆ ॥

**ତପନ କୁମାର ସ୍ୱାଇଁ**
ମହାନଦୀ ବିହାର, କଟକ
ମୋ: ୯୪୩୭୬୫୯୬୨୫୨



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସ୍ୱଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.com ରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର

**ରଥଯାତ୍ରାର ଆଦ୍ୟ ପର୍ବଭାବେ ପାଳନ ହୁଏ ଦେବସ୍ନାନ ପୂର୍ଣ୍ଣିମା । ଯାହାପରେ ପ୍ରଭୁଙ୍କର ମାନବୀୟ ଲିଳା ଦେଖିବାକୁ ମିଳିଥାଏ । ମନୁ୍ୟଷମାନଙ୍କ ଭଳି ଭଗବାନ ମଧ୍ୟ ଜ୍ୱରରେ ପୀଡିତ ହୋଇ ଚିକିତ୍ସିତ ହୋଇଥାଆନ୍ତି, ଯାହାକୁ ଅନବସର ନୀତି ବୋଲି ସମ୍ବୋଧନ କରାଯାଇଥାଏ ।**



# ଅନବସର ନୀତି



ଶ୍ରୀ କ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଅନୁଷ୍ଠିତ ହେଉଥିବା 'ଅଣସର ନୀତି' ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତିର ଏକ ଅତ୍ୟନ୍ତ ରହସ୍ୟମୟ, ମାନବୀୟ ଓ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ପରମ୍ପରା । ଜ୍ୟେଷ୍ଠ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀମନ୍ଦିରର ତିନି ବିଗ୍ରହଙ୍କୁ ସୁନାକୂଅାରୁ ଅଣାଯାଇଥିବା ୧୦୮ ଗରା ସୁବାସିତ ଶୀତଳ ଜଳରେ ଗାଧୋଇ ଦିଆଯାଏ । ଏହି ଭବ୍ୟ ଶାହୀ ସ୍ନାନ ଉତ୍ସବ ପରେ, ଅତ୍ୟଧିକ ସ୍ନାନ ଯୋଗୁଁ ତିନି ଦେବତା (ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା) ଜ୍ୱରରେ ପୀଡ଼ିତ ହୋଇ ପହଣ୍ଡି ବିଜେ ପଟୁଆରରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଅସୁସ୍ଥତା କାରଣରୁ ଦେବତାମାନେ ଗର୍ଭଗୃହକୁ ନଯାଇ ଏକ ସ୍ୱତନ୍ତ୍ର ସ୍ଥାନ 'ଅଣସର ପିଣ୍ଡି'ରେ ବିରାଜମାନ ହୁଅନ୍ତି । ସେମାନେ ଅଣସର ପିଣ୍ଡିରେ ପହଞ୍ଚିବା ପରେ ତଢ଼ାଉ ସେବକମାନେ ଦେବତାମାନଙ୍କ ମସ୍ତକରୁ ନୀଳା, ମାଣିକ ଓ ହୀରାରେ ନିର୍ମିତ ରାହୁ ରେଖା ଏବଂ ଚିତା ବାହାର କରି ଦେଉଳ କରଣଙ୍କୁ ହସ୍ତାନ୍ତର କରନ୍ତି, ଯିଏ ଏହି ଅଳଙ୍କାରଗୁଡ଼ିକୁ ଶ୍ରୀକପଡ଼ାରେ ଘୋଡ଼ାଇ ରତ୍ନଭଣ୍ଡାରରେ





ସୁରକ୍ଷିତ ରଖନ୍ତି । ଏହାପରେ ଦଇତାପତିମାନେ ତିନି ବିଗ୍ରହଙ୍କ ମୁଖକୁ ତିନୋଟି ଖଣ୍ଡୁଆ ପାଟଶାଢ଼ୀରେ ଢାଙ୍କି ଦିଅନ୍ତି ଏବଂ କୋଠ ସୁଆସିଆମାନେ ଅଣସର ପିଣ୍ଡି ଚାରିପାଖରେ ଏକ ବାଉଁଶର ତାଟି ବାନ୍ଧି ଦିଅନ୍ତି। ଏହିପରି ଭାବେ ଦେବତାମାନେ ଜ୍ୟେଷ୍ଠ ପୂର୍ଣ୍ଣିମାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ୧୫ ଦିନ ପାଇଁ ସର୍ବସାଧାରଣଙ୍କ ଦର୍ଶନରୁ ଦୂରେଇ ରୁହନ୍ତି, ଯାହାକୁ 'ଅଣସର' କୁହାଯାଏ । ଏହି ଅବଧି ମଧ୍ୟରେ କେବଳ 'ଦଇତାପତି' ନାମକ ଏକ ସ୍ୱତନ୍ତ୍ର ସେବକ ଗୋଷ୍ଠୀ ମହାପ୍ରଭୁଙ୍କର ଗୁପ୍ତ ରୀତିନୀତି ସମ୍ପାଦନ କରନ୍ତି, ଯାହାକୁ 'ଗୁପ୍ତ ଶବର ସେବା' ବା 'ଅଣସର ରୀତି' ମଧ୍ୟ କୁହାଯାଏ । ଏହି ସମୟରେ ରାଜବୈଦ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜ୍ୱରର ଉପଶମ ପାଇଁ ପ୍ରଭୁଙ୍କୁ "ଅଣସର ପଣା", "ଫୁଲୁରୀ ତେଲ" ଏବଂ "ଦଶମୂଳ ମୋଦକ" ଭଳି ଆୟୁର୍ବେଦିକ ମହୌଷଧି ଅର୍ପଣ କରାଯାଇ ମାନବୀୟ ଢଙ୍ଗରେ ଉପଚାର କରାଯାଏ ।

## ଅଲାରନାଥରେ ବିଶେଷ ପରମ୍ପରା

ଶ୍ରୀମନ୍ଦିରରେ ଅଣସର ପିଣ୍ଡି ପଛରେ ପ୍ରଭୁ ସଂଗୋପନରେ ଚିକିତ୍ସିତ ହେଉଥିବା ବେଳେ ବାହାରେ ଭକ୍ତମାନଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହେ। ଏହି ସମୟରେ ପୁରୀଠାରୁ ପ୍ରାୟ ୨୩ କିଲୋମିଟର ଦୂର ବ୍ରହ୍ମଗିରିରେ ଅବସ୍ଥିତ ତ୍ରୟୋଦଶ ଶତାବ୍ଦୀର ପ୍ରସିଦ୍ଧ 'ଶ୍ରୀ ଅଲାରନାଥ ମନ୍ଦିର'ର ମହତ୍ତ୍ୱ ପ୍ରକାଶ ପାଇଥାଏ । ବିଶ୍ୱାସ ରହିଛି ଯେ, ଅଣସରର ଏହି ୧୫ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ବ୍ରହ୍ମଗିରିର ଚତୁର୍ଭୁଜ ନାରାୟଣ ରୂପୀ ଶ୍ରୀ ଅଲାରନାଥଙ୍କ ମଧ୍ୟରେ ପ୍ରକଟ ହୁଅନ୍ତି। ତେଣୁ ଅଣସର ସମୟରେ ଅଲାରନାଥଙ୍କ ଦର୍ଶନ କଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସମାନ ପୁଣ୍ୟ ମିଳେ ବୋଲି ମାନ୍ୟତା ରହିଛି । କିମ୍ବଦନ୍ତୀ ଅନୁସାରେ ପ୍ରାୟ ୫୦୦ ବର୍ଷ ପୂର୍ବେ ପୁରୀରେ ରହୁଥିବା ସମୟରେ ଅଣସର ଯୋଗୁଁ ଜଗନ୍ନାଥଙ୍କ ଦର୍ଶନ ନପାଇ ଚୈତନ୍ୟ ମହାପ୍ରଭୁ ବିରହ ବେଦନାରେ ବ୍ୟାକୁଳ



ହୋଇପଡ଼ିଥିଲେ। ସେହି ସମୟରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ କ୍ରମେ ସେ ବ୍ରହ୍ମଗିରି ଯାଇ ଅଲାରନାଥଙ୍କ ବିଗ୍ରହ ମଧ୍ୟରେ ନିଜ ଆରାଧ୍ୟଙ୍କୁ ଦର୍ଶନ କରିଥିଲେ । ସେଠାରେ ଭକ୍ତିଭାବରେ ବିଭୋର ହୋଇ ସେ ଯେତେବେଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ, ତାଙ୍କ ଶରୀରର ଦେବୀୟ ସ୍ପର୍ଶରେ ସେଠାକାର କଠୋର ପଥର ଖଣ୍ଡଟି ତରଳି ଯାଇଥିଲା, ଯାହା ଆଜି ମଧ୍ୟ ମନ୍ଦିର ପରିସରରେ 'ପ୍ରେମ ଶିଳା' ଭାବେ ପୂଜା ପାଉଛି । ସେଥିରେ ଚୈତନ୍ୟ ମହାପ୍ରଭୁଙ୍କ ଶରୀରର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଏହି ଅନବସର କାଳରେ ପୀଠରେ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ଭାବେ ଭୋଗ କରାଯାଉଥିବା ସୁଆଦିଆ "କ୍ଷୀରି" ପ୍ରସାଦର ଅତ୍ୟନ୍ତ ଚାହିଦା ଥାଏ, ଯାହାକୁ ପାଇବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ । ଏହିପରି ଭାବେ ଅଣସର ନୀତି ଓ ଅଲାରନାଥଙ୍କ ବିଶେଷ ଉତ୍ସବ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଥିବା ଅନାବିଳ ଭକ୍ତି, ଗଭୀର ବିରହ ଓ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ ପ୍ରସ୍ତୁତ କରିଥାଏ ।







# ବୁଦ୍ଧିଆ ଠେକୁଆ

**ପିଲାଦିନେ ଏଭଳି ଅନେକ କାହାଣୀ ଆମେ ଶୁଣିଥାଉ ଯାହା ଆମକୁ ପରିବେଶର ଯତ୍ନ ନେବାର ଶିକ୍ଷା ଦେଇଥାଏ । ଏହି ସବୁ କାହାଣୀ ପିଲାମାନଙ୍କୁ ପରିବେଶର ଗୁରୁତ୍ୱତା ଓ ଏହାର ଯତ୍ନର ଆବଶ୍ୟକତା ବିଷୟରେ ଅବଗତ କରାଇଥାଏ । ସେହିଭଳି ଏକ କାହାଣୀ ହେଲା ବୁଦ୍ଧିଆ ଠେକୁଆ ।**

ଏକ ଘଞ୍ଚ ଓ ସବୁଜିମାରେ ଭରା ଜଙ୍ଗଲରେ ଚିକୁ ନାମକ ଏକ କୁନି ଓ ଚଞ୍ଚଳ ଠେକୁଆ ରହୁଥିଲା, ଯିଏ ସବୁବେଳେ କିଛି ନା କିଛି ନୂଆ ଜିନିଷ ଜାଣିବା ପାଇଁ ଉତ୍ସୁକ ରହୁଥିଲା ଏବଂ ଜଙ୍ଗଲର ସବୁ ପଶୁପକ୍ଷୀ ତା'ର ଦୁଷ୍ଟାମି ଓ ମିଠା କଥାକୁ ଖୁବ୍ ଭଲ ପାଉଥିଲେ । ଦିନେ ସକାଳୁ ଚିକୁ ମିଠା ଗାଜର ସନ୍ଧାନରେ ବୁଲୁ ବୁଲୁ ଏକ ବିରାଟ ବଟବୃକ୍ଷ ମୂଳରେ ଏକ ଚମକୁଥିବା ସୁନେଲି ରଙ୍ଗର ଚାବି ପାଇଲା । ସେହି ଚାବିଟିକୁ ନେଇ ସେ ସାରା ଜଙ୍ଗଲରେ ବୁଲି ସମସ୍ତଙ୍କୁ ପଚାରିଲା ଯେ ଏହା କେଉଁ ତାଲାର ଚାବି ହୋଇପାରେ, ହେଲେ କେହି ବି ଏହାର ରହସ୍ୟ ଜାଣିପାରିଲେ ନାହିଁ। ଶେଷରେ ଜଙ୍ଗଲର ସବୁଠାରୁ ବୁଦ୍ଧିମାନ ବୁଢ଼ା ଭାଲୁ ମିଠୁ ଭାଇ ଚିକୁକୁ କହିଲେ ଯେ, ଜଙ୍ଗଲର ସେପାରିରେ ଥିବା ରହସ୍ୟମୟ ପାହାଡ଼ ଉପରେ ଏକ ପୁରୁଣା ପଥରର ବାକ୍ସ ଅଛି, ବୋଧହୁଏ ଏହା ସେହି ବାକ୍ସର ଚାବି ହୋଇଥାଇପାରେ । ଚିକୁ ବିନା କୌଣସି ଭୟରେ ସେହିକ୍ଷଣି ପାହାଡ଼ ଆଡ଼କୁ ଯାତ୍ରା ଆରମ୍ଭ କଲା ଏବଂ ବାଟରେ ତାକୁ ନଦୀ ପାର ହେବାରେ ଗୋଟିଏ ବେଙ୍ଗ ସାହାଯ୍ୟ କଲା । ଘଞ୍ଚ ବଣରେ ବାଟ ଦେଖାଇବାରେ ଏକ କୁନି ଚଢ଼େଇ ସହଯୋଗ କଲା, ଯାହାଫଳରେ ଚିକୁ ଶେଷରେ ସେହି ପାହାଡ଼ ଚୂଡ଼ାରେ ପହଞ୍ଚିଗଲା । ସେଠାରେ ସତକୁ ସତ ସେହି ପଥର ବାକ୍ସଟି ରହିଥିଲା ଏବଂ ଚିକୁ ଯେତେବେଳେ ଧୀରେ କରି ସୁନେଲି ଚାବିଟିକୁ ତାଲା ଭିତରେ ପୂରାଇ ବୁଲାଇଲା । ବାକ୍ସଟି ଏକ ସୁନ୍ଦର ସଙ୍ଗୀତ ସହିତ ଖୋଲିଗଲା, କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ବାକ୍ସ ଭିତରେ କୌଣସି ହୀରା, ନୀଳା କିମ୍ବା ସୁନା ନଥିଲା, ବରଂ ସେଥିରେ ଅନେକ ପ୍ରକାରର ସୁଆଦିଆ ଫଳ ଏବଂ ସୁନ୍ଦର ଫୁଲର ମଞ୍ଜି ରହିଥିଲା । ଯାହା ସହିତ ଏକ କାଗଜରେ ଲେଖାଥିଲା ଯେ 'ଏହି ମଞ୍ଜିଗୁଡ଼ିକୁ ଯିଏ ନିଜ ଜଙ୍ଗଲରେ ବୁଣିବ, ସେଠାରେ କେବେ ବି ଖାଦ୍ୟର ଅଭାବ ହେବନାହିଁ' । ଚିକୁ ସେହି ମଞ୍ଜିଗୁଡ଼ିକୁ ନେଇ ନିଜ ଜଙ୍ଗଲକୁ ଫେରିଆସିଲା ଏବଂ ସବୁ ସାଙ୍ଗମାନଙ୍କ ସହ ମିଶି ସାରା ଜଙ୍ଗଲରେ ବୁଣିଦେଲା । ଯାହାଫଳରେ କିଛି ଦିନ ମଧ୍ୟରେ ସାରା ଜଙ୍ଗଲ ରଙ୍ଗବେରଙ୍ଗର ଫୁଲ ଓ ମିଠା ଫଳରେ ଭରିଗଲା । ଚିକୁ ବୁଝିପାରିଲା ଯେ ପ୍ରକୃତ ସମ୍ପତ୍ତି ଟଙ୍କା ପଇସାରେ ନଥାଏ, ବରଂ ଅନ୍ୟମାନଙ୍କ ସହ ବାଣ୍ଟି ରହିବାରେ ଏବଂ ପ୍ରକୃତିର ସୁରକ୍ଷା କରିବାରେ ହିଁ ପ୍ରକୃତ ସୁଖ ମିଳିଥାଏ ।





# କ୍ରୀଡ଼ାର ନୂଆ ବିଶ୍ୱ ପରିଚୟ

ଦଶନ୍ଧିଏ ପୂର୍ବେ ଯଦି ଓଡ଼ିଶା କ୍ରୀଡ଼ା ବିଷୟରେ ଆଲୋଚନା ହେଉଥିଲା, ତେବେ ତାହା କେବଳ ରାଜ୍ୟର ପ୍ରତିଭାବାନ ଆଥଲେଟମାନଙ୍କ ମଧ୍ୟରେ ସୀମିତ ଥିଲା। ବିଶେଷ କରି ଜନଜାତି ବହୁଳ ଅଞ୍ଚଳରୁ ଆସୁଥିବା ହକି ଖେଳାଳି ଏବଂ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟମାନେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା କ୍ରୀଡ଼ାର ପତାକା ସାରା ବିଶ୍ୱରେ ଉଡ଼ାଉଥିଲେ। ଆଜି ବି ଆଥଲେଟମାନଙ୍କର ସେହି ଚମକ ଜାରି ରହିଛି, କିନ୍ତୁ ଏହା ସହିତ ଓଡ଼ିଶା ନିଜକୁ ସମଗ୍ର ଦେଶର 'କ୍ରୀଡ଼ା ରାଜଧାନୀ' (Sporting Capital) ଭାବେ ପ୍ରତିଷ୍ଠିତ କରିପାରିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି, ସରକାରୀ ପ୍ରୋତ୍ସାହନ ଏବଂ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କ ସହଯୋଗରେ ଏହି ସଫଳତାର ନୂଆ କାହାଣୀ ଲେଖାଯାଇଛି।

ପ୍ରଶାସନର ଦୃଢ଼ ଇଚ୍ଛାଶକ୍ତିକୁ ପରଖିବା ପାଇଁ ବିପତ୍ତିଠାରୁ ବଡ଼ ମାଧ୍ୟମ ଆଉ କିଛି ନାହିଁ। ଏହାର ସବୁଠାରୁ ବଡ଼ ଉଦାହରଣ ଥିଲା ମହାବାତ୍ୟା 'ଫନି'। ଏହି ପ୍ରଳୟଙ୍କରୀ ବାତ୍ୟା ଓଡ଼ିଶାରେ ବ୍ୟାପକ ସାମଗ୍ରିକ କ୍ଷୟକ୍ଷତି କରିଥିଲା। ବାତ୍ୟାର ଠିକ୍ ମାସେ ଭିତରେ ଭୁବନେଶ୍ୱରର ପ୍ରସିଦ୍ଧ କଳିଙ୍ଗ ଷ୍ଟାଡିୟମରେ 'ଏଫ୍‌ଆଇଏଚ୍ (FIH) ୱାର୍ଲ୍ଡ ସିରିଜ୍ ଫାଇନାଲ୍ସ' ହକି ଟୁର୍ନାମେଣ୍ଟ ଆୟୋଜନ ହେବାର ଥିଲା। ବାତ୍ୟା ଯୋଗୁ ଷ୍ଟାଡିୟମର ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଏହି ଆନ୍ତର୍ଜାତୀୟ ମ୍ୟାଚର ସଫଳ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଓଡ଼ିଶା ସରକାର ଓ ପ୍ରଶାସନ କେବଳ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କଲେନାହିଁ, ବରଂ ଏହାକୁ ଏକ ବଡ଼ ସଫଳତାରେ ପରିଣତ କରି ଦେଖାଇଲେ।

ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ଏହି ବଡ଼ ପରିବର୍ତ୍ତନ ରାତାରାତି ଆସିନାହିଁ। ଏହାର ମୂଳଦୁଆ ୨୦୧୩ ମସିହାରୁ ପଡ଼ିଥିଲା। ହକି ଇଣ୍ଡିଆ ଲିଗରେ 'କଳିଙ୍ଗ ଲାନ୍ସର୍ସ'ର ମ୍ୟାଚ୍ ଆୟୋଜନ ପାଇଁ ରାଜ୍ୟରେ ଏକ ବିଶ୍ୱସ୍ତରୀୟ ହକି ଭିତ୍ତିଭୂମିର ଆବଶ୍ୟକତା ଅନୁଭୂତ ହୋଇଥିଲା। ଏହି ଆବଶ୍ୟକତାରୁ ହିଁ ନିର୍ମିତ ହେଲା କଳିଙ୍ଗ ଷ୍ଟାଡିୟମର ଆଧୁନିକ ହକି କମ୍ପ୍ଲେକ୍ସ, ଯେଉଁଠି ପରବର୍ତ୍ତୀ ସମୟରେ ଚାମ୍ପିଅନ୍ସ ଟ୍ରଫି ଏବଂ ବିଶ୍ୱକପ୍ ଭଳି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। କେବଳ ସେତିକି ନୁହେଁ, ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ଭାବେ ଭାରତୀୟ ପୁରୁଷ ଓ ମହିଳା ଜାତୀୟ ହକି ଦଳକୁ ସ୍ପନ୍ସରସିପ୍ ଯୋଗାଇ ଦେଇ ଏକ ନୂଆ ଇତିହାସ ରଚିଛି।

ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା କେବଳ ହକି ନୁହେଁ, ବରଂ ଆଥଲେଟିକ୍ସ, ମହିଳା ଫୁଟବଲ, ରଗବୀ ଏବଂ ଟେବୁଲ ଟେନିସ ଭଳି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାର ସଫଳ ଆୟୋଜନ କରିଛି। ଏହି ବଡ଼ ବଡ଼ ଖେଳ ପ୍ରତିଯୋଗିତା ଯୋଗୁ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ବଡ଼ ବୁଷ୍ଟ ମିଳିଛି। ବିଶ୍ୱର ବିଭିନ୍ନ କୋଣରୁ ଆସୁଥିବା ଖେଳାଳି ଓ ଦର୍ଶକଙ୍କ ସମ୍ମୁଖରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶିତ କରିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଉଛି।

ଓଡ଼ିଶାର ଏହି କ୍ରୀଡ଼ା ବିପ୍ଳବର ଅନ୍ୟ ଏକ ସଫଳ ଦିଗ ହେଉଛି କର୍ପୋରେଟ୍ ସେକ୍ଟର ଏବଂ ଦେଶର ବିଶିଷ୍ଟ କ୍ରୀଡ଼ାବିତମାନଙ୍କୁ ଏକାଠି ଆଣିବା। ଅଭିନବ ବିନ୍ଦ୍ରା, ଅନିଲ କୁମ୍ବଲେ, ଗଗନ ନାରଙ୍ଗ ଏବଂ ପି. ଗୋପୀଚନ୍ଦ୍ରଙ୍କ ଭଳି କ୍ରୀଡ଼ା ମହାରଥୀମାନେ ରାଜ୍ୟର ବିଭିନ୍ନ 'ହାଇ-ପରଫରମାନ୍ସ ସେଣ୍ଟର'ର ନେତୃତ୍ୱ ନେଉଛନ୍ତି। ଏହାସହ ଓଡ଼ିଶାର ନିଜସ୍ୱ ଗୌରବ ତଥା ପୂର୍ବତନ ହକି ଅଧିନାୟକ ଦିଲୀପ ତିର୍କୀ ମଧ୍ୟ ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସରକାରୀ ସ୍ତରରେ କ୍ରୀଡ଼ା ପ୍ରଶାସନର ଜଟିଳତାକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର 'ଫାସିଲିଟେଟର' ବା ସହଯୋଗୀର ଭୂମିକା ଗ୍ରହଣ କରିଛନ୍ତି। ସରକାର ଜମି ଏବଂ ପ୍ରାଥମିକ ସହାୟତା ଯୋଗାଇ ଦେଉଥିବା ବେଳେ ଟାଟା, ରିଲାଏନ୍ସ ଫାଉଣ୍ଡେସନ, ଆଦିତ୍ୟ ବିର୍ଲା ଗ୍ରୁପ୍, ଡାଲମିଆ ସିମେଣ୍ଟ ଏବଂ ରୁଙ୍ଗଟା ମାଇନ୍ସ ଭଳି ବଡ଼ ବଡ଼ କର୍ପୋରେଟ୍ ହାଉସ୍ ଏହି ସେଣ୍ଟରଗୁଡ଼ିକର ପରିଚାଳନା କରୁଛନ୍ତି।

ରାଜ୍ୟର ଆଦିବାସୀ ଅଞ୍ଚଳରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ୨୦୧୭ ମସିହାରେ ପ୍ରଥମ କରି 'ଜନଜାତି କ୍ରୀଡ଼ା ପ୍ରତିଯୋଗିତାର' ଆୟୋଜନ କରାଯାଇଥିଲା, ଯେଉଁଥିରେ ୧.୩୦ ଲକ୍ଷରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଗ୍ରାମାଞ୍ଚଳ କ୍ରୀଡ଼ାର ବିକାଶ ପାଇଁ ପ୍ରତି ଗ୍ରାମ ପଞ୍ଚାୟତକୁ କ୍ରୀଡ଼ା ସରଞ୍ଜାମ କିଣିବା ପାଇଁ ପାଣ୍ଠି ଯୋଗାଇ ଦିଆଯାଉଛି। ଓଡ଼ିଶାର ଏହି ମଡେଲ୍ ଆଜି ସମଗ୍ର ଦେଶ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିଛି। କେବଳ ଭିତ୍ତିଭୂମି ନୁହେଁ, ବରଂ ଖେଳକୁ ଜୀବନଶୈଳୀର ଏକ ଅଂଶ ଭାବେ ଗଢ଼ିତୋଳିବାରେ ଓଡ଼ିଶା ଯେଉଁ ସଫଳତା ପାଇଛି, ତାହା ପ୍ରଶଂସନୀୟ।




-ଶକ୍ତି ପ୍ରକାଶ ନନ୍ଦ




# ଫିଫା ପୁରସ୍କାରରେ ନୂଆ ଅଧ୍ୟାୟ

ଫିଫା ବିଶ୍ୱକପର ସେହି ମୁଖ୍ୟ ଆଇକନିକ୍ ଟ୍ରଫିକୁ ହାତରେ ଟେକିବା ପାଇଁ ସବୁ ଖେଳାଳି ଆଶା ରଖିଥିବା ବେଳେ, ଏହି ଟୁର୍ଣ୍ଣାମେଣ୍ଟରେ କିଛି ବ୍ୟକ୍ତିଗତ ପୁରସ୍କାର ମଧ୍ୟ ମିଳିବାକୁ ଯାଉଛି। ୧୯୮୨ ମସିହା ସ୍ପେନ୍ ବିଶ୍ୱକପଠାରୁ ଖେଳାଳିମାନେ ବ୍ୟକ୍ତିଗତ ଭାବେ 'ଗୋଲ୍ଡେନ୍ ବଲ୍' (ସର୍ବଶ୍ରେଷ୍ଠ ଖେଳାଳି) ଏବଂ 'ଗୋଲ୍ଡେନ୍ ବୁଟ୍' (ସର୍ବାଧିକ ଗୋଲଦାତା) ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଆସୁଛନ୍ତି। ପରେ ୧୯୯୪ ମସିହାରୁ ସର୍ବଶ୍ରେଷ୍ଠ ଗୋଲକିପରଙ୍କ ପାଇଁ 'ଗୋଲ୍ଡେନ୍ ଗ୍ଲୋଭ୍' ପୁରସ୍କାର ଆରମ୍ଭ ହୋଇଥିଲା, ଯାହା ପ୍ରଥମେ 'ଲେଭ୍ ୟାସିନ୍ ଆୱାର୍ଡ' ନାମରେ ଜଣାଶୁଣା ଥିଲା ଏବଂ ୨୦୧୦ରେ ଏହାର ନାମ ବଦଳାଗଲା। ୨୦୨୬ ବିଶ୍ୱକପ୍ ପୂର୍ବରୁ ଆଡିଡାସ୍ ଏହି ତିନୋଟି ମୁଖ୍ୟ ବ୍ୟକ୍ତିଗତ ପୁରସ୍କାରର ନୂଆ ଏବଂ ଆଧୁନିକ ଡିଜାଇନକୁ ସାମ୍ନାକୁ ଆଣିଥିଲା। କାନାଡା, ମେକ୍ସିକୋ ଏବଂ ଆମେରିକାରେ ହେବାକୁ ଥିବା ଏହି ୨୦୨୬ ଟୁର୍ଣ୍ଣାମେଣ୍ଟ ପାଇଁ ଟ୍ରଫି ଗୁଡ଼ିକୁ ନୂଆ ରୂପ ଦିଆଯାଇଛି।

**ଗୋଲ୍ଡେନ୍ ବଲ୍:** ୨୦୨୬ର ଗୋଲ୍ଡେନ୍ ବଲ୍ ପୁରସ୍କାରଟି ଆଡିଡାସର 'ଟ୍ରାୟୋଣ୍ଡା' ମ୍ୟାଚ୍ ବଲ୍ ଆଧାରରେ ତିଆରି ହୋଇଛି, ଯାହା ପୂରା ବିଶ୍ୱକପରେ ବ୍ୟବହାର କରାଯିବ। ଲିଓନେଲ୍ ମେସି ବର୍ତ୍ତମାନର ଗୋଲ୍ଡେନ୍ ବଲ୍ ବିଜେତା ଅଛନ୍ତି। ଯିଏ କି କାତାର ୨୦୨୨ ବିଶ୍ୱକପରେ ଆର୍ଜେଣ୍ଟିନାକୁ ଚାମ୍ପିଅନ୍ କରାଇବା ପରେ ଏହି ପୁରସ୍କାର ପାଇଥିଲେ। ୩୮ ବର୍ଷୀୟ ମେସି ପୁଣିଥରେ ଏହାକୁ ଜିତିବା ସହଜ ହେବ ନାହିଁ, କାରଣ ତାଙ୍କୁ ଫ୍ରାନ୍ସର କିଲିଆନ୍ ଏମବାପେ (୨୦୨୨ର ରନର୍ସ-ଅପ୍) ଏବଂ ଅନ୍ୟ ଯୁବ ସୁପରଷ୍ଟାରମାନଙ୍କଠାରୁ କଡ଼ା ଟକ୍କର ମିଳିବ। ସ୍ପେନର ଲାମିନ୍ ୟାମାଲ୍, ଇଂଲଣ୍ଡର ହାରି କେନ୍, ଓସମାନେ ଡେମ୍ବେଲେ, ମାଇକେଲ୍ ଓଲିସେ, ଏବଂ ପର୍ତ୍ତୁଗାଲର ବିଟିନାହ ଓ ବ୍ରୁନୋ ଫର୍ଣ୍ଣାଣ୍ଡେସଙ୍କ ଭଳି ଖେଳାଳିମାନେ ମଧ୍ୟ ଭଲ ଫର୍ମରେ ଅଛନ୍ତି।

**ଗୋଲ୍ଡେନ୍ ବୁଟ୍:** ୨୦୨୨ ବିଶ୍ୱକପ୍ ଫାଇନାଲରେ ହାରିବା ସତ୍ତ୍ୱେ, ଏମବାପେ ଆର୍ଜେଣ୍ଟିନା ବିପକ୍ଷରେ ହ୍ୟାଟ୍ରିକ୍ ଗୋଲ୍ କରି ମେସିଙ୍କୁ ପଛରେ ପକାଇ ଗୋଲ୍ଡେନ୍ ବୁଟ୍ ଜିତିଥିଲେ। ବିଗତ ବର୍ଷଗୁଡ଼ିକରେ ହାରି କେନ୍ (୨୦୧୮), ଜେମ୍ସ ରୋଡ୍ରିଗ୍ରେଜ୍ (୨୦୧୪), ଥୋମାସ ମୁଲର୍ (୨୦୧୦), ରୋନାଲଡୋ ନାଜାରିଓ (୨୦୦୨) ଏବଂ ମିରୋସଲାଭ କ୍ଲୋଜେ (୨୦୦୬) ଏହି ପୁରସ୍କାର ଜିତିଛନ୍ତି। ଗତ ସିଜନରେ ବାୟର୍ଣ୍ଣ ମ୍ୟୁନିକ୍ ପାଇଁ ୫୧ଟି ମ୍ୟାଚରେ ୧ଟି ଗୋଲ୍ କରିଥିବା ହାରି ପୁଣିଥରେ ଏହାକୁ ଜିତିବାର ବଡ଼ ସୁଯୋଗ ରହିଛି। କିନ୍ତୁ ତାଙ୍କୁ ଏମବାପେ, ଏରଲିଙ୍ଗ ହାଲାଣ୍ଡ, ଭିନିସିଅସ୍ ଜୁନିଅର୍ ଏବଂ ୟାମାଲ ଭଳି ତାରକାଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ। ଇତିହାସ କହେ ଯେ ୩୦ ବର୍ଷ ବା ତା'ଠାରୁ ଅଧିକ ବୟସର ମାତ୍ର ଜଣେ ଖେଳାଳି (୧୯୯୮ରେ କ୍ରୋଏସିଆର ଦାଭୋର ସୁକର) ଗୋଲ୍ଡେନ୍ ବୁଟ୍ ଜିତିବାରେ ସଫଳ ହୋଇଛନ୍ତି।

**ଗୋଲ୍ଡେନ୍ ଗ୍ଲୋଭ୍:** ବିଶ୍ୱକପରେ ସବୁଠାରୁ ଚମତ୍କାର ପ୍ରଦର୍ଶନ କରିଥିବା ଗୋଲକିପରଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୧୦ରେ ସ୍ପେନର ଇକର୍ କାସିଲାସ୍ ପ୍ରଥମ ବିଜେତା ଭାବେ ୫ଟି କ୍ଲିନ୍-ସିଟ୍ (ଗୋଟିଏ ବି ଗୋଲ୍ ନଖାଇବା) ରଖି ଏହା ଜିତିଥିଲେ। ୨୦୨୨ରେ ଆର୍ଜେଣ୍ଟିନାର ଏମିଲିଆନୋ ମାର୍ଟିନେଜ୍ ନିଜର ଚମତ୍କାର ସେଭ୍ ଏବଂ ପେନାଲ୍ଟି ସୁଟ୍‌ଆଉଟ୍ ଜରିଆରେ ଏହି ପୁରସ୍କାର ପାଇଥିଲେ। ୨୦୨୬ରେ ମଧ୍ୟ ସେ ଏହାକୁ ବଜାୟ ରଖିବାକୁ ଚେଷ୍ଟା କରିବେ, କିନ୍ତୁ ସ୍ପେନର ଡେଭିଡ୍ ରାୟା, ଇଂଲଣ୍ଡର ଜର୍ଡାନ ପିକ୍ଫୋର୍ଡ, ବ୍ରାଜିଲର ଆଲିସନ ଏବଂ ପର୍ତ୍ତୁଗାଲର ଡିଓଗୋ କୋଷ୍ଟାଙ୍କ ଭଳି ଶକ୍ତିଶାଳୀ ଗୋଲକିପରମାନେ ତାଙ୍କ ସାମ୍ନାରେ ଅଛନ୍ତି। ଏହା ସହିତ ଜର୍ମାନୀ ଦଳକୁ ଫେରିଥିବା ୪୦ ବର୍ଷୀୟ ମାନୁଏଲ୍ ନୁୟେର ମଧ୍ୟ ଏହି ଦୌଡ଼ରେ ସାମିଲ ଅଛନ୍ତି।






**ସବୁବେଳେ ନିଜ କ୍ୟାରିୟରକୁ ନେଇ ଚର୍ଚ୍ଚାରେ ରହୁଥିବା ହର୍ଷଦ ଚୋପ୍ରା ନିକଟରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ଏକ ରିଆଲିଟି ଶୋରେ ନିଜ ରିଅଲ ଲାଇଫକୁ ନେଇ ଏଭଳି କିଛି ମନ୍ତବ୍ୟ ସେ ଦେଇଛନ୍ତି ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି ।**

# ରିଅଲକୁ ନେଇ ଚର୍ଚ୍ଚାରେ

ଟେଲିଭିଜନ ଜଗତର ଜଣେ ଅତ୍ୟନ୍ତ ଲୋକପ୍ରିୟ ତଥା ନିଜର ବ୍ୟକ୍ତିଗତ ଜୀବନକୁ ସବୁବେଳେ ଗଣମାଧ୍ୟମଠାରୁ ଦୂରେଇ ରଖିଥିବା ସୁପରଷ୍ଟାର୍ ହର୍ଷଦ ଚୋପ୍ରା ଏବେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି । ଦୀର୍ଘ ଦୁଇ ଦଶନ୍ଧିର କ୍ୟାରିୟର ମଧ୍ୟରେ ଅନେକ ସୁପରହିଟ୍ ମେଗା ସିରିଏଲ ଜରିଆରେ ଦର୍ଶକଙ୍କ ହୃଦୟ ଜିତିଥିବା ହର୍ଷଦ, ନିଜର ଚମତ୍କାର ଅଭିନୟ ଓ ସୁଗଠିତ ଚେହେରା ପାଇଁ ଘରେ ଘରେ ପରିଚିତ । ମାତ୍ର ଏହି ସଫଳତା ପଛରେ ତାଙ୍କର କଠିନ ସଂଘର୍ଷର କାହାଣୀ ରହିଛି, ଯେଉଁଠି ଇଣ୍ଡଷ୍ଟ୍ରିରେ ପାଦ ଥାପିବା ପାଇଁ ଏବଂ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା । ତେବେ ନିକଟରେ ଚର୍ଚ୍ଚିତ ରିଆଲିଟି ଶୋ' 'ଲକ୍ ଅପ୍: ସଚ୍ ୟା ସଜା'ର ଗ୍ରାଣ୍ଡ ପ୍ରିମିୟର ଅବସରରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସେ କରିଥିବା ଏକ ବଡ଼ ଖୁଲାସା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଶୋ'ର ହୋଷ୍ଟ ଫରାହ ଖାନ ଓ ରିତେଶ ଦେଶମୁଖଙ୍କ ପ୍ରଶ୍ନର ଉତ୍ତର ଦେଇ ଭାବବିହ୍ୱଳ ହୋଇ ହର୍ଷଦ ପ୍ରକାଶ କରିଛନ୍ତି ଯେ, ସେ ପ୍ରଥମରୁ ଏତେ ଶାନ୍ତ ବା ଚୁପଚାପ୍ ନଥିଲେ । ମାତ୍ର ଗତ ୨୦୧୦ ମସିହାରେ ସେ ଜୀବନର ସବୁଠାରୁ ବଡ଼ ପ୍ରତାରଣାର ସାମ୍ନା କରିଥିଲେ । ସେହି ସମୟରେ ତାଙ୍କ ପ୍ରେମିକା ତାଙ୍କୁ ଠକି ତାଙ୍କର ହିଁ ସବୁଠାରୁ ଭଲ ସାଙ୍ଗଙ୍କ ସହ ସମ୍ପର୍କ ରଖିଥିଲେ । ଯାହାଫଳରେ ସେ ଏକାସଙ୍ଗେ ନିଜର ପ୍ରେମ ଓ ବନ୍ଧୁତ୍ୱ ଉଭୟଙ୍କୁ ହରାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ଏହି ଆଘାତ ପରଠାରୁ ସେ ନିଜ ବ୍ୟକ୍ତିଗତ ଜୀବନକୁ ଲାଇମ ଲାଇଟରୁ ଦୂରରେ ରଖିଥିଲେ ।

ତେବେ ନିଜ କ୍ୟାରିୟରରେ ସଫଳତା ପାଇଁ ଅନେକ ପରିଶ୍ରମ କରିଛନ୍ତି ହର୍ଷଦ । ପରିବାରର ଇଚ୍ଛା ବିରୁଦ୍ଧରେ ଯାଇ ଅଭିନୟକୁ ନିଜର ପେସା ଭାବେ ବାଛିଥିବା ହର୍ଷଦ ୨୦୦୬ ମସିହାରେ 'ମମତା' ସିରିଏଲ୍ ଜରିଆରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ । ମାତ୍ର ସେହି ବର୍ଷ ଷ୍ଟାର୍ ପ୍ଲସର ଲୋକପ୍ରିୟ ସୋ' 'ଲେଫ୍ଟ ରାଇଟ୍ ଲେଫ୍ଟ'ରେ କ୍ୟାଡେଟ୍ ଅଲୀ ବେଗ୍ ଚରିତ୍ର ତାଙ୍କୁ ଇଣ୍ଡଷ୍ଟ୍ରିରେ ପ୍ରଥମ ବଡ଼ ସଫଳତା ଆଣିଦେଇଥିଲା । ଏହାପରେ 'କିସ ଦେଶ ମେଁ ହୈ ମେରା ଦିଲ୍'ରେ ପ୍ରେମ ଜୁନେଜା, 'ତେରେ ଲିଏ'ରେ ଅନୁରାଗ ଗାଙ୍ଗୁଲି ଏବଂ 'ବେପନାହ'ରେ ଆଦିତ୍ୟ ହୁଡା ଭଳି ଦମଦାର ଚରିତ୍ରରେ ଅଭିନୟ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଟେଲିଭିଜନର ସବୁଠାରୁ ଅଧିକ ପାରିଶ୍ରମିକ ନେଉଥିବା ଏବଂ ଚାହିଦାରେ ଥିବା ଅଭିନେତାଙ୍କ ମଧ୍ୟରେ ସାମିଲ ହୋଇଥିଲେ । ବିଶେଷ କରି ଷ୍ଟାର୍ ପ୍ଲସର ଆଇକନିକ ଶୋ' 'ୟେ ରିଶ୍ତା କ୍ୟା କହଲାତା ହୈ'ରେ ଡାକ୍ତର ଅଭିମନ୍ୟୁ ବିର୍ଲା ଭୂମିକାରେ ତାଙ୍କର ଚମତ୍କାର ଅଭିନୟ ତାଙ୍କ ଲୋକପ୍ରିୟତାକୁ ଏକ ନୂତନ ଶିଖରରେ ପହଞ୍ଚାଇଥିଲା । ଦୀର୍ଘ ଦୁଇ ଦଶନ୍ଧିର ଏହି ସଫଳ କ୍ୟାରିୟର ମଧ୍ୟରେ ହର୍ଷଦ ନିଜର ପରିଶ୍ରମ ଏବଂ ଅପରିସୀମ ପ୍ରତିଭା ବଳରେ ପ୍ରଶଂସକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି ।